ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ମେ, ୨୦୨୨



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ବିଶ୍ୱମୁକ୍ତି ପକ୍ଷରୁ 'ବିଜୁ-ସ୍ୱପ୍ନ ଓ ସଂକଳ୍ପ', ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରମିକ ଦିବସ ପାଳନ, ନାମଭୂଷଣ ଭବନ, ପୂର୍ବାହ୍ନ ୧୧ଟା।
- ମିଷ୍ଟର ଆଣ୍ଡ ମିସ୍ ଉତ୍କଳ ୨୦୨୨, ଉତ୍କଳ କନିକା ଗ୍ୟାଲେରିଆ, ଅପରାହ୍ନ ୫ଟା।
- ନାଟକ ଆସାମୀ,ବିଜୁ ନାଟ୍ୟକେନ୍ଦ୍ର, ନୟାପଲ୍ଲୀ, ସନ୍ଧ୍ୟା ୭ଟା।

ବାଲିଅନ୍ତା
- ସ୍ୱାସ୍ଥ୍ୟ ସେବା ଶିବିର, କାକରୁଦ୍ରପୁରସ୍ଥିତ କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

### କଣ୍ଟେନର ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ପୁରୁଣା ଭୁବନେଶ୍ୱର,୩୦।୪(ଡି.ଏନ୍.ଏ.): ଧଉଳି ଥାନା ଅଧୀନ ୩୧୬ ନମ୍ବର ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଗଙ୍ଗୁଆ ବ୍ରିଜ ନିକଟରେ ଶନିବାର ସ୍କୁଟିକୁ ଏକ କଣ୍ଟେନର ଧକ୍କା ଦେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ବଡ଼ଗଡ଼ ଥାନା କେନାଲ ରୋଡ ରାଜାରାଣୀ ବସ୍ତିର ଲକ୍ଷ୍ମୀପ୍ରିୟା ସାହୁ(୬୦)। ଗୁରୁତର ଅବସ୍ଥାରେ ସ୍ୱାମୀ ଗୁଣନିଧିଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଉକ୍ତ କଣ୍ଟେନରକୁ ଜବତ କରିଛି। ଗୁଣନିଧି ସ୍କୁଟିରେ ଲକ୍ଷ୍ମୀପ୍ରିୟାଙ୍କୁ ବସାଇ ସାମନ୍ତରାପୁରରୁ ଉତ୍ତରା ଅଭିମୁଖେ ଯାଉଥିବାବେଳେ ପଛରୁ କଣ୍ଟେନର(କେଏ ୦୧ଏସି ୯୮୪୦) ଧକ୍କା ଦେଇଥିଲା।

### ରେଳ ଧାରଣାରେ ବ୍ୟବସାୟୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୩୦।୪(ବ୍ୟୁରୋ): ବାଣୀବିହାର ଷ୍ଟେଶନଠାରେ ରେଳ ଧାରଣାରେ ଶୋଇ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ସ୍ଥାନୀୟ ଭୋଇ ନଗର ସାହିର ତିରୁପତି ବେହେରା (୪୨)। ଖବର ପାଇ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏହାପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ ତିରୁପତି ଭୁବନେଶ୍ୱରରେ ଦୀର୍ଘ ୨୦ ବର୍ଷ ରହି ବ୍ୟବସାୟ କରନ୍ତି। ବ୍ୟବସାୟ ମାନ୍ଦାରେ ଚାଲୁଥିବାରୁ ସେ ସବୁବେଳେ ଚିନ୍ତାରେ ରହୁଥିଲେ। ସେ ହଠାତ ଶନିବାର ସକାଳ ୯ଟା ୩୦ରେ ବାଣୀବିହାର ଷ୍ଟେଶନକୁ ଆସି ରେଳ ଧାରଣାରେ ଶୋଇପଡ଼ିଥିଲେ। ଏହି ସମୟରେ ଏକ ଟ୍ରେନ ତାଙ୍କ ଉପରେ ଚଢି ଯାଇଥିଲା। ତାଙ୍କର ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଥିଲା।

### ପଦ୍ମଶ୍ରୀ ପ୍ରଫୁଲ୍ଲ କର, ବୀଣାପାଣି ମହାନ୍ତିଙ୍କ ସ୍ମୃତିଚାରଣ ସଭା

ଭୁବନେଶ୍ୱର,୩୦।୪(ବ୍ୟୁରୋ): ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ପକ୍ଷରୁ ଓଡ଼ିଶା ଲେଖିକା ସଂସଦ ସହଯୋଗରେ ଶନିବାର ଭାରତୀୟ ବିଦ୍ୟା ଭବନଠାରେ ମଞ୍ଚର ୧୮୭ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଲେଖିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତି ଓ ସଙ୍ଗୀତ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକା ଡ. ପ୍ରତିଭା ଶତପଥୀଙ୍କ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଓଡ଼ିଶା ଲେଖିକା ସଂସଦର ସମ୍ପାଦିକା ଡ. ଶକୁନ୍ତଳା ବଳିଆରସିଂହ, କୋଷାଧକ୍ଷା ଗୋଲାପ ମଞ୍ଜରୀ କର ଓ ମୁକ୍ତଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ସେମାନଙ୍କ ସ୍ମୃତିଚାରଣ କରି ଅନୁଭୂତି ବଖାଣିଥିଲେ। ଆବାହକ ରମାକାନ୍ତ ମିଶ୍ର, ସାହିତ୍ୟିକା ବନଜ ଦେବୀ, ପ୍ରବୀଣା ମହାନ୍ତି, ଡ. ଅଞ୍ଜଳି ତ୍ରିପାଠୀ, ମିନତୀ ଦାସ, ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାରିବା ପରେ ଅନୁଶୋଚନା

ଭୁବନେଶ୍ୱର,୩୦।୪(ବ୍ୟୁରୋ) ସାମାନ୍ୟ କଥାକୁ ନେଇ ନିଜର ହିତାହିତ ଭୁଲି ସ୍ତ୍ରୀଙ୍କୁ ମାଡ଼ ମାରି ହତ୍ୟା କଲେ। ଏପରିକି ଘଟଣା ଲୁଚାଇବାକୁ ଯାଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରି ବିଫଳ ହେବାରୁ ରାତିସାରା ମୃତଦେହ ପାଖରେ ଜଗି ବସିଲେ। ସକାଳୁ ସକାଳୁ ଘର ଭିତରୁ ମୃତଦେହ ଟାଣି ବାହାରେ ରଖିବାରୁ ପଡ଼ୋଶୀ ଏ ସମ୍ପର୍କରେ ଜାଣି ପୋଲିସ ଏବଂ ସମ୍ପର୍କୀୟଙ୍କୁ ଜଣାଇଲେ। ପୋଲିସ ଓ ସମ୍ପର୍କୀୟଙ୍କ ଉପସ୍ଥିତିରେ ଅଭିଯୁକ୍ତ ସୌଭାଗ୍ୟ ରଞ୍ଜନ ଦାଶ ୨ୟ ସ୍ତ୍ରୀ ଲିଲିଙ୍କୁ ମାରିଦେବା ପରେ ଅନୁଶୋଚନା କରୁଥିବା ଦେଖିବାକୁ ମିଳିଥିଲା।



ଘଟଣାସ୍ଥଳରେ ପୋଲିସର ତଦନ୍ତ। ମୃତ ଲିଲି ଦାଶଙ୍କ ଫାଇଲ ଫଟୋ।

### ମୋ ସ୍ତ୍ରୀ ମରିନି, ମୋତେ ଛାଡ଼ ତାକୁ ମେଡିକାଲ ନେବି: ସୌଭାଗ୍ୟ

ଶହୀଦନଗର ଥାନା ଅନ୍ତର୍ଗତ ବାସୁଆଘାଇସ୍ଥିତ ଦୁର୍ଗାପୁରପାଟଣାରେ ଶୁକ୍ରବାର ରାତିରେ ଦ୍ୱିତୀୟ ସ୍ତ୍ରୀ ଲିଲିଙ୍କୁ ମାଡ଼ମାରି ହତ୍ୟା କରିବା ଘଟଣାରେ ଶନିବାର ସକାଳେ ଅଭିଯୁକ୍ତ ସୌଭାଗ୍ୟଙ୍କୁ ଘଟଣାସ୍ଥଳରୁ ପୋଲିସ ଗିରଫ କରିଥିଲା। ପୋଲିସ ଭ୍ୟାନ୍‌ରେ ବସାଇ ନେଉଥିବାବେଳେ ସ୍ତ୍ରୀଙ୍କୁ କାହିଁକି ମାରିଲେ ବୋଲି ସୌଭାଗ୍ୟଙ୍କୁ ପଚାରିବାରୁ ସେ ମାରିନି ବୋଲି ମୁହଁ ଖୋଲିବା ସହ ମୋତେ ଛାଡ଼, ମୋ ସ୍ତ୍ରୀ ବଞ୍ଚିଛି ମୁଁ ତାକୁ ମେଡିକାଲ ନେବି ବୋଲି କହୁଥିବା ଦେଖିବାକୁ ମିଳିଥିଲା।

### ଅଭିଯୁକ୍ତଙ୍କ କାଣ୍ଡ ପାଇଁ ସ୍ଥାନୀୟ ଲୋକେ ତାତିଲେ

ଶନିବାର ସ୍ତ୍ରୀକୁ ପିଟି ପିଟି ହତ୍ୟା କରିବା ପରେ ଅଭିଯୁକ୍ତ ସ୍ୱାମୀର ନାରକୀୟ କାଣ୍ଡ ସାମ୍ନାକୁ ଆସିଥିଲା। ଏହାପରେ ଘଟଣା ସ୍ଥାନୀୟ ଅଞ୍ଚଳରେ ବିଜୁଳି ବେଗରେ ବ୍ୟାପିଯିବାରୁ ଲୋକଙ୍କ ଭିଡ଼ ଜମିଥିଲା। ଏହାପରେ ସ୍ଥାନୀୟଲୋକେ ପରିବାର ଲୋକଙ୍କୁ ନାନା ପ୍ରକାର ଗାଳିଗୁଲଜ କରିଥିଲେ। ତେବେ ସୌଭାଗ୍ୟଙ୍କ ଏଭଳି ପାଗଳାମି ଗୁଣ ପାଇଁ ତାଙ୍କ ପରିବାର ଲୋକେ ଦାୟୀ, ପୁଅର ପାଗଳାମି ଗୁଣ ଥାଇ ମଧ୍ୟ କାହିଁକି ଦ୍ୱିତୀୟ ବିବାହ କରାଇଥିଲେ। ଫଳରେ ଗୋଟେ ଅମୂଲ୍ୟ ଜୀବନ ଅକାଳରେ ଚାଲିଗଲା। ତେଣୁ ପରିବାର ଲୋକ ମଧ୍ୟ ଉଚିତ ଦଣ୍ଡ ଦିଆଯାଉ। ଏପରିକି ଗାଁରେ ଏଭଳି ଲୋକ ରହିଲେ ଆଗକୁ ଏମିତି କେତେ ଲୋକ ବାଡ଼ିଆ ପିଟା ହୋଇ ମରିବେ। ତେଣୁ ଗାଁରୁ ଏମାନଙ୍କୁ ଯଥାଶୀଘ୍ର ତଡ଼ାଯିବା ଦରକାର ବୋଲି ଅଞ୍ଚଳବାସୀ କହିଛନ୍ତି। ମା' ଛେଉଣ୍ଡ ୪ବର୍ଷର ଝିଅ ନାଁରେ ସବୁ ସମ୍ପତ୍ତି କରାଯାଉ ବୋଲି ଦାବି କରିଛନ୍ତି।

### ଲିଲି ଆତ୍ମହତ୍ୟା କରିଛନ୍ତି: ସନ୍ତୋଷ

ଶୁକ୍ରବାର ବିଳମ୍ବିତ ରାତିରେ ସ୍ତ୍ରୀ ଲିଲିଙ୍କୁ ପିଟି ପିଟି ମାରିଦେବା ଅଭିଯୋଗ ପରେ ସୌଭାଗ୍ୟ ଏମିତି କରି ନ ଥିବ ବୋଲି ବାପା ସନ୍ତୋଷ ଦାଶ ଏବଂ ମା' ଶାନ୍ତିଲତା କହିଛନ୍ତି। ସେ ଲିଲିଙ୍କୁ ବହୁତ ଭଲ ପାଏ। ତେଣୁ ଆମ ବୁଢାବୁଢ଼ିଙ୍କୁ ପଛେ ମାରଧର କରେ, ହେଲେ ସ୍ତ୍ରୀଙ୍କୁ ସେ କେବେ ମାରେନି ବୋଲି କହିଛନ୍ତି। ଯଦି କୌଣସି କାରଣ ପାଇଁ ରାତିରେ ଝଗଡ଼ା ହୋଇଥିବେ, ସେହି କାରଣରୁ ବୋହୂ ଲିଲି ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥାଇପାରେ ବୋଲି କହିଛନ୍ତି।

### ମୃତଦେହ ପାଖରେ ଉତ୍ତେଜନା

ଝିଅର ମୃତ୍ୟୁ ଖବରପାଇ ବାପା ଗଗନ ଦାଶ ଭୁବନେଶ୍ୱରରେ ପହଞ୍ଚିଥିଲେ। ପ୍ରାୟ ଅଢ଼େଇଟା ପର୍ଯ୍ୟନ୍ତ ମୃତଦେହ ଘର ସମ୍ମୁଖରେ ପଡ଼ି ରହିଥିଲା। ଝିଅର ମୃତଦେହ ଦେଖି ସହ୍ୟ କରିପାରି ନ ଥିଲେ ଗଗନ। ମୋ ଝିଅକୁ କାହିଁକି ମାରିଲ ବୋଲି ସମୁଦି ସନ୍ତୋଷଙ୍କୁ ପଚାରିଥିଲେ। ଏହାପରେ ରାଗି ଯାଇ ତାଙ୍କୁ ଠେଲା ପେଲା କରିବା ସହ ସନ୍ତୋଷଙ୍କ ସାନ ପୁଅକୁ ମଧ୍ୟ ମାରିଥିବା ଦେଖିବାକୁ ମିଳିଥିଲା।

## ଆଜି ପ୍ରକଳ୍ପ ଅନୁଧ୍ୟାନ କରିବ ଏଏସ୍ଆଇ

### ଠିକା ସଂସ୍ଥା, ଓବିସିସି ସହ ଆଲୋଚନା କରିବେ

ପୁରୀ ଅଫିସ,୩୦।୪

ଶ୍ରୀମନ୍ଦିର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟକୁ ନେଇ ରାଜନୈତିକ ବିବାଦ ବଢ଼ି ଚାଲିଥିବା ବେଳେ ରବିବାର ଏଏସ୍ଆଇ (ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ ରବିବାର କରିବ। ଏ ନେଇ ଏଏସ୍ଆଇ ପକ୍ଷରୁ ଶନିବାର ସୂଚନା ମିଳିଛି। ଏଏସ୍ଆଇ ଅଧିକାରୀମାନେ ଖନନ ସ୍ଥଳ ବୁଲିବା ସହ କେଉଁ ସ୍ଥାନରେ କ'ଣ କ'ଣ ନିର୍ମାଣ ଚାଲିଛି ତାହା ବୁଲି ଦେଖିବେ। ଏଏସ୍ଆଇ ଆଞ୍ଚଳିକ ନିର୍ଦ୍ଦେଶକ ଦିଲୀପ ହମାରି, ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ, ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ ପ୍ରମୁଖ ପ୍ରକଳ୍ପ ସ୍ଥଳୀ ପରିଦର୍ଶନ କରିବେ। ଠିକା ସଂସ୍ଥା ଟାଟା ପ୍ରାଇଭେଟ୍ ଲିମିଟେଡ୍ ଓ ଓବିସିସି ସହ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ। ଆମସାର୍ ଆକ୍ଟ-୧୯୫୮ ନିୟମ ମୁତାବକ କାର୍ଯ୍ୟ ହେଉଛି କି ନାହିଁ ସେନେଇ ଏଏସ୍ଆଇ ତର୍ଜମା କରିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ସ୍ଥିତି ଅନୁଧ୍ୟାନ ପରେ ଏହାକୁ ରେକର୍ଡଭୁକ୍ତ କରାଯିବ।

## ଆନ୍ତର୍ଜାତିକ ମଞ୍ଚରେ ପ୍ରଦର୍ଶିତ ହେବ ଓଡ଼ିଆ ନାଟକ

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ଆନ୍ତର୍ଜାତିକ ମଞ୍ଚରେ ପ୍ରଦର୍ଶିତ ହେବ ଓଡ଼ିଆ ନାଟକ। ଓଡ଼ିଆ ବୀରଙ୍କ ବୀରତ୍ୱ ଓ ସଂଗ୍ରାମ ସମ୍ପର୍କରେ ଜାଣିବେ ବିଦେଶୀ। ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ଜୀବନୀ ଓ ବୀରତ୍ୱର କାହାଣୀକୁ ନେଇ ନାଟକ 'ମୁଁ ଚକରା କହୁଚି' ଓ ଶହୀଦ ବାଜି ରାଉତଙ୍କ ଜୀବନ ସଂଗ୍ରାମ ତଥା ବଳିଦାନର କଥା କହିବ ନାଟକ 'ମୁକ୍ତି ସଳିତା'। ଆସନ୍ତା ୪ ତାରିଖରେ କାତାରର ରାଜଧାନୀ ଦୋହାଠାରେ ଭାରତୀୟ ଦୂତାବାସ ଦ୍ୱାରା ସ୍ୱୀକୃତୀପ୍ରାପ୍ତ ଉତ୍କଳିକା ଅନୁଷ୍ଠାନ ଦ୍ୱାରା ଆୟୋଜିତ ଆଜାଦି କା ଅମୃତ ମହୋତ୍ସବ ଏବଂ ୮୭ତମ ଓଡ଼ିଶା ଦିବସ ପାଳନ ଅବସରରେ ଏହି ଦୁଇଟି ନାଟକ ପ୍ରଦର୍ଶିତ ହେବ। ରାଜ୍ୟ ତଥା ଜାତୀୟ ସ୍ତରରେ ଓଡ଼ିଆ ନାଟକକୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଢେଙ୍କାନାଳର ନାଟ୍ୟାନୁଷ୍ଠାନ ଅଲ୍‌ଟର୍‌ନେଟିଭ୍ ଡିଦିମ୍ ଥିଏଟରର କଳାକାରମାନେ ଏହି ଦୁଇ ଓଡ଼ିଆ ନାଟକରେ ଅଭିନୟ କରିବେ। ନାଟ୍ୟକାର ମନ୍ମଥ କୁମାର ଶତପଥୀ 'ମୁଁ ଚକରା କହୁଚି' ନାଟକ ରଚନା କରିଥିବାବେଳେ ଯୁବ ନାଟ୍ୟକାର ତଥା ନିର୍ଦ୍ଦେଶକ ଦୀନେଶ ଦାସ 'ମୁକ୍ତି ସଳିତା' ନାଟକ ରଚନା କରିବା ସହିତ ଉଭୟ ନାଟକର ନିର୍ଦ୍ଦେଶନା ଦେଇଛନ୍ତି।



ଦୈନିକ ଖବରକାଗଜ ପ୍ରଗତିବାଦୀର ଗୋଲ୍‌ଡେନ୍ ଜୁବିଲି ପାଳନ ଅବସରରେ ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନଠାରେ ଏହାର ୫୦ତମ ବାର୍ଷିକ ସଂସ୍କରଣକୁ ଉନ୍ମୋଚନ କରୁଛନ୍ତି।

## ରାଜ୍ୟପାଳଙ୍କ ଦ୍ୱାରା 'ଜୀବନର ଝର କଲମ' ଉନ୍ମୋଚିତ

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ଅବସରପ୍ରାପ୍ତ ପ୍ରଶାସକ ଚିନ୍ମୟ ବସୁଙ୍କ ପୁସ୍ତକ 'ଜୀବନର ଝର କଲମ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଶନିବାର ରାଜଭବନରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ଲେଖକଙ୍କୁ ପ୍ରଶଂସା କରି କହିଲେ, ଏହି ପୁସ୍ତକ ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ ଓ ପ୍ରେରଣାଦାୟୀ ହୋଇ ପାରିବ। ଲେଖକ ବସୁ ପୁସ୍ତକ ସମ୍ପର୍କରେ ସୂଚନା ଦେଇ କହିଲେ, ଜୀବନର ବିଭିନ୍ନ ସମୟର ଅଭିଜ୍ଞତା ଓ ମନରେ ଯାହା ଅଭୁଲା ସ୍ମୃତି ହୋଇ ରହିଯାଇଛି, ତାହାକୁ ନେଇ ବହିରେ ଥିବା ପ୍ରତିଟି କାହାଣୀ ପ୍ରସ୍ତୁତ ହୋଇଛି। ଏହା ବାସ୍ତବରେ ଆତ୍ମଜୀବନୀ ନୁହେଁ, ବରଂ ଜୀବନର ଗଳ୍ପଗୁଚ୍ଛ କହିଲେ ଯଥାର୍ଥ ହେବ। ପୁସ୍ତକ ପ୍ରକାଶନରେ ପୂର୍ବତନ ପ୍ରଶାସକ ତଥା କଥାକାର ତରୁଣକାନ୍ତି ମିଶ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବରିଷ୍ଠ ପ୍ରଶାସକ ବିଜୟ କୁମାର ପଟ୍ଟନାୟକ, ଗୋକୁଳ ଚନ୍ଦ୍ର ପତି, ତରୁଣକାନ୍ତି ମିଶ୍ର, ଯୁଗଳ କିଶୋର ମହାପାତ୍ର, ଅରବିନ୍ଦ ବେହେରା ପ୍ରମୁଖଙ୍କ ସମେତ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପ୍ରକାଶକ ଜୀବନାନନ୍ଦ ମିଶ୍ର, ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମାଷ୍ଟର କ୍ରାଫ୍ଟସ୍ ହସ୍ତଶିଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଭାରତୀୟ ଶିଳ୍ପ ପରିଷଦର ଅନୁବନ୍ଧିତ ଓଡ଼ିଶା ହସ୍ତଶିଳ୍ପ ପରିଷଦ ପକ୍ଷରୁ ଶନିବାର ଭୁବନେଶ୍ୱର କ୍ଲବ ପରିସରରେ ପ୍ରଥମ କରି ୨ ଦିନିଆ ମାଷ୍ଟର କ୍ରାଫ୍ଟ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏହାକୁ ବୟନ ଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ସଚିବ ଶୁଭ୍ରା ଶର୍ମା ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ଏବଂ ଜାତୀୟସ୍ତରୀୟ ପୁରସ୍କୃତ କାରିଗରମାନଙ୍କ ପଟଚିତ୍ର, ପଥର ଖଚିତ କାର୍ଯ୍ୟ, ଚାନ୍ଦୁଆ, ହାତବୁଣା ଇକତ, ଢୋକ୍ରା, ରୁପା ଫିଲିଗ୍ରି ଏବଂ ନଡା ତିଆରି ଉତ୍ପାଦ ପ୍ରଦର୍ଶିତ ହୋଇଛି। ଓଡ଼ିଶା ପରିଷଦ ଅଧକ୍ଷ ସନ୍ତୋଷ ମହାପାତ୍ର ସଂସ୍ଥାର ଗଠନ ବିଷୟ ଉପରେ ମତବ୍ୟକ୍ତ କରିଥିଲେ। ମେଳା ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ରାତି ୮ଟା ଯାଏଁ ପ୍ରଦର୍ଶନୀ ଜନସାଧାରଣଙ୍କ ପାଇଁ ଖୋଲା ରହିଛି। ପ୍ରଦର୍ଶନୀରେ ବିଜୟ ପରିଡା, ପୂର୍ଣ୍ଣଚନ୍ଦ୍ର ମହାରଣା, ଦ୍ୱିଜବର ଦାସଙ୍କ ପଟଚିତ୍ର ପ୍ରଦର୍ଶିତ ହୋଇଛି। କଳ୍ପତରୁ ମହାରଣା, କେଶବ ମହାରଣାଙ୍କ ପଥର ଖୋଦିତ କାର୍ଯ୍ୟ ଏବଂ ଅନ୍ୟ ଶିଳ୍ପୀଙ୍କ ହସ୍ତକଳା ଦେଖଣାହାରୀଙ୍କ ମନ ମୋହିଛି। କାର୍ଯ୍ୟକ୍ରମରେ ପରିଷଦ ସମ୍ପାଦକ ରାଜୀବ ସାହୁ, ଯୁଗ୍ମ ସମ୍ପାଦକ ପାରମିତା ପଣ୍ଡା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଶିଳ୍ପୀମାନଙ୍କ ଉନ୍ନତି ସକାଶେ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଅଧକ୍ଷ ମହାପାତ୍ର କହିଥିଲେ।

## ସିୟୁଟିଏମ୍‌ରେ ଫିଚ୍ୟୁର ନେକ୍ସସ୍ ୪.୦ କର୍ମଶାଳା

ନୂଆଦିଲ୍ଲୀ,୩୦।୪

ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ପକ୍ଷରୁ ଏକ ଜାତୀୟ ସ୍ତରର କର୍ମଶାଳା 'ଫିଚ୍ୟୁର ନେକ୍ସସ ଡେଭଲପିଙ୍ଗ ସ୍କିଲ୍ ଫର୍ ଇଣ୍ଡଷ୍ଟ୍ରି ୪.୦' ଆୟୋଜିତ ହୋଇଯାଇଛି। ଏହି ଅବସରରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡ. ରାଜକୁମାର ରଞ୍ଜନ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଭାରତରେ ଘୋଷିତ ନୂତନ ଶିକ୍ଷାନୀତି (ଏନ୍ଇପି)କୁ ନେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ସେହିଭଳି ଏନ୍ଇପିକୁ ପ୍ରାଧାନ୍ୟତା ଦେଇ ମନ୍ତ୍ରୀ କହିଛନ୍ତି, ଏହା ଅଭିନବ ଚିନ୍ତାଧାରାକୁ ଉତ୍ସାହିତ କରିବ। ଏକ ସଫଳ ଷ୍ଟାର୍ଟଅପ୍ ଏବଂ ଶକ୍ତିଶାଳୀ ଅର୍ଥନୈତିକ ରାଷ୍ଟ୍ର ଗଠନ ପାଇଁ ଏହା ବେଶ୍ ସହାୟକ ହେବ। ବିକଶିତ ତଥା ଅନୁନ୍ନତ ଦେଶ, ବିଶେଷ କରି ଆଫ୍ରିକା ମହାଦେଶର ଛାତ୍ରୀଛାତ୍ରମାନଙ୍କ ପାଇଁ ଭାରତ ଏକ ବ୍ୟୟବହୁଳ ଶିକ୍ଷାଗତ ଯୋଗ୍ୟତା ସହ ଅନୁସନ୍ଧାନ ଆଭିମୁଖ୍ୟ ଓ ଅଭିନବ ଷ୍ଟାର୍ଟଅପ୍ ଯୋଗାଇପାରିବ ବୋଲି ସିଂ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଦକ୍ଷତା ଭିତ୍ତିକ ଶିକ୍ଷା, ଉତ୍ପାଦନ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବାର ଉଦ୍ୟମକୁ ପ୍ରଶଂସା କରିବା ସହ ବିଶ୍ୱବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇଥିଲେ।

## ଦୁଇ ୱାର୍ଡରେ ରାସ୍ତା, ଡ୍ରେନ୍ ଉଦ୍‌ଘାଟନ

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ବିଏମ୍‌ସିର ୱାର୍ଡ ନଂ.୧୪ ନୀଳାଦ୍ରି ବିହାର ଏବଂ ୮ ନଂ. ୱାର୍ଡର ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ଅଞ୍ଚଳରେ ଶନିବାର ରାସ୍ତା ଓ ଡ୍ରେନ୍‌ର ଉଦ୍‌ଘାଟନ ହୋଇଯାଇଛି। ପ୍ରାୟ ୨.୫ କୋଟି ଟଙ୍କା ବ୍ୟୟ ଅଟକଳରେ ଓମ୍‌ଫେଡ ବସ୍ତି, ଚିଲ୍କା କଲୋନୀ, ନୀଳାଦ୍ରୀ ବିହାର ହାଉସିଂ ବୋର୍ଡ଼, ସୀତାନାଥ ବସ୍ତି, ହରେକୃଷ୍ଣ ନଗର ଏବଂ ଲୁମ୍ବିନି ବିହାରର ରାସ୍ତା ଓ ଡ୍ରେନ୍‌କୁ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଡେପୁଟି ମେୟର ମଞ୍ଜୁଲତା କହଁର, ସୁବାସ ଚନ୍ଦ୍ର ପାତ୍ର, କର୍ପୋରେଟର ମୋନାଲିସା ସାହୁ, ଲାଲମୋହନ ଗୁଡ୍ଡୁ, ମନୋଜ ସାହୁ, ୱାର୍ଡ ସଭାପତି ଲକ୍ଷ୍ମୀଧର ସାହୁ ଉପସ୍ଥିତ ଥିଲେ।

## ଅଟଳ ଟିଙ୍କରିଂ ଲାବ୍ ଉଦ୍‌ଘାଟିତ

### ବିଜେଇଏମ୍‌ରେ ଆନ୍ତଃବିଦ୍ୟାଳୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲରେ ଅଟଳ ଟିଙ୍କରିଂ ଲାବ୍ ଉଦ୍‌ଘାଟନ ସହ ଆନ୍ତଃବିଦ୍ୟାଳୟ ପ୍ରକଳ୍ପ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ, ପ୍ରଯୁକ୍ତି ଓ ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ଓଡ଼ିଶାର ବିଭିନ୍ନ ପ୍ରକଳ୍ପ, ଯୋଜନା, ବିଜ୍ଞାନ ଗବେଷଣା କେନ୍ଦ୍ର, ବିଜ୍ଞାନ ପାର୍କ ଆଦି ସମ୍ପର୍କରେ ପିଲାମାନଙ୍କୁ ବୁଝାଇବା ସହ ସେମାନଙ୍କ ବୈଜ୍ଞାନିକ ମନନଶୀଳତା ବୃଦ୍ଧି ନିମନ୍ତେ ଏପରି ପଦକ୍ଷେପ ପ୍ରଶଂସନୀୟ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ କର୍ପୋରେଟର କେ. ଶାନ୍ତି ଯୋଗଦେଇ ପିଲାଙ୍କ ଭିତରେ ଅନ୍ତର୍ନିହିତ ବୈଜ୍ଞାନିକ ମନୋବୃତ୍ତିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର, ଅଧ୍ୟକ୍ଷା ସନ୍ଧ୍ୟା ଜେନା, ବିଦ୍ୟାଳୟ ପରିଚାଳନା କମିଟି ପରିଚାଳକ ପ୍ରତାପ କୁମାର ଜେନା ଓ କମିଟି ସଭାପତି ରଘୁନାଥ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଅଟଳ ଟିଙ୍କରିଂ ଲାବର କାର୍ଯ୍ୟକାରୀ ଅଧିକାରୀ ଲକ୍ଷ୍ମୀଧର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରତିଯୋଗିତାରେ ବିଜେଇଏମ୍ ସ୍କୁଲ-୨, ଡିଏଭି ୟୁନିଟ୍-୮ ଏବଂ ବିଜେଇଏମ୍ ସ୍କୁଲ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପ୍ରତିଯୋଗିତାରେ ଭାଗ ନେଇଥିବା ଜଣେ ଛାତ୍ରୀ।

## ଶ୍ରୀମୟୀ ନୃତ୍ୟାନୁଷ୍ଠାନର ବାର୍ଷିକୋତ୍ସବ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଶ୍ରୀମୟୀ ନୃତ୍ୟାନୁଷ୍ଠାନର ୨୫ତମ ବାର୍ଷିକୋତ୍ସବ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଇଣ୍ଡିଆନ କାଉନସିଲ ଫର୍ କଲ୍‌ଚରାଲ ରିଲେଶନର ଆଞ୍ଚଳିକ ନିର୍ଦ୍ଦେଶିକା ମୀନାକ୍ଷୀ ମିଶ୍ର, ଗୁରୁ ସୁଧାକର ସାହୁ, ଡ. ସଙ୍ଗୀତା ଗୋସ୍ୱାମୀ, ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧି ଯୋଗଦେଇଥିଲେ। ଗୁରୁ ସୁଧାକର ଗୁରୁ ଶିଷ୍ୟ ସମ୍ପର୍କରେ ସମତା ରହିବା ସହ ଓଡ଼ିଶୀ ନୃତ୍ୟର ମୌଳିକତା ବଜାୟ ରହୁ ବୋଲି ମତ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ଇତିଶ୍ରୀ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଅକ୍ଷୟ ବେହେରା, ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ନିମକାନ୍ତ ରାଉତରାୟ, ମର୍ଦ୍ଦଳ ବାଦକ ସୁରେନ୍ଦ୍ର ମହାରଣା ଓ ଓଡ଼ିଶୀ ନୃତ୍ୟାଙ୍ଗନା ଉର୍ମିଳା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଏମ୍‌ସି, ବେଦାନ୍ତ ପକ୍ଷରୁ ୧୫ ଜଳ ସେବା ଶିବିର

ଭୁବନେଶ୍ୱର, ୩୦।୪ (ବ୍ୟୁରୋ)

ଭୁବନେଶ୍ୱରରେ ପଥଚାରୀଙ୍କ ଲାଗି ବେଦାନ୍ତ କମ୍ପାନୀ ପକ୍ଷରୁ ବିଏମ୍‌ସି ସହଯୋଗରେ ଶନିବାର ୧୫ ପ୍ରମୁଖ ସ୍ଥାନରେ ଜଳ ସେବା ଶିବିର ଖୋଲିଛି। ଏଥିରେ ଶୀତଳ ପାଣି, ଲେମ୍ବୁ ପାଣି ଓ ବଟର ମିଲକ ପ୍ରଦାନ କରାଯିବ। ଜୁନ୍ ମଧ୍ୟଭାଗ ପର୍ଯ୍ୟନ୍ତ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ସେବା ମିଳିବ। ମେୟର ସୁଲୋଚନା ଦାସ ଏହାକୁ ଉଦ୍‌ଘାଟନ କରି ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଗଭର୍ଣ୍ଣର ହାଉସ ନିକଟରେ ସେବା ଶିବିରକୁ ସବ୍ୟସାଚୀ ମିଶ୍ର, ବାଣୀବିହାର ଓ ନୟାପଲ୍ଲୀସ୍ଥିତ ଶିବିରକୁ ପଦ୍ମଶ୍ରୀ ପ୍ରଭାକର ମହାରଣା, ମାଷ୍ଟରକ୍ୟାଣ୍ଟିନଠାରେ ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ଶ୍ରୀୟା ସିନେମା ହଲ ନିକଟ ଗୁରୁଦ୍ୱାର ଜଳ ସେବା କେନ୍ଦ୍ରକୁ ସମାଜସେବୀ ଆରତି ଦେବୀ ଉଦ୍‌ଘାଟନ କରିଥିଲେ। ବେଦାନ୍ତ ଆଲୁମିନିୟମ ଓ ପାୱାର ସିଇଓ ରାହୁଲ ଶର୍ମା, ଜଷ୍ଟିସ୍ ବି.କେ. ମିଶ୍ର, ବେଦାନ୍ତ ଲିମିଟେଡର ସଭାପତି ଡ. ତପନ ଚାନ୍ଦ, ଏସ୍‌ସିଏ ଅମିତ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ।


ମେୟର ସୁଲୋଚନା ଦାସ ଓ ଅନ୍ୟମାନେ ଜଳ ସେବା ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

## ସ୍ୱଚ୍ଛତା ଉପରେ ବିଏମ୍‌ସିର ଗୁରୁତ୍ୱ

- ସମ୍ମାନିତ ହେଲେ ସ୍ୱଚ୍ଛ ବ୍ରାଣ୍ଡ୍ ଆମ୍ବାସାଡର୍
- ସଫାଇମିତ୍ର ପାଇଲେ ସେସ୍‌ପୁଲ୍ ଗାଡି, ଦିବ୍ୟାଙ୍ଗ ଚଲାଇଲେ ସଫେଇ ଗାଡି

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଭୁବନେଶ୍ୱରରେ ସ୍ୱଚ୍ଛତାକୁ ଅଧିକ ଉନ୍ନତ କରିବା ପାଇଁ ଏଥିରେ ଗୋଷ୍ଠୀ ସହଭାଗିତା ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ପନ୍ଥା ଆପଣେଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଏହି ପରିପ୍ରେକ୍ଷୀରେ ଶନିବାର ବିଏମ୍‌ସି ପକ୍ଷରୁ ଚିହ୍ନିତ ହୋଇଥିବା ୪ଜଣ ବ୍ରାଣ୍ଡ୍ ଆମ୍ବାସାଡର୍ ପ୍ରସ୍ତରଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ଅଲିମ୍ପିୟାନ୍ ଅନୁରାଧା ବିଶ୍ୱାଳ, ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କୁ ଆନୁଷ୍ଠାନିକ ଭାବେ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ ସ୍ୱଚ୍ଛତାକୁ ନେଇ ବିଏମ୍‌ସି ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା କହିଥିଲେ। ଏଥିରେ ସମାଜର ସମସ୍ତ ବର୍ଗଙ୍କୁ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ କରି ଭୁବନେଶ୍ୱରକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବା ପାଇଁ ପ୍ରୟାସ କରାଯାଉଛି ବୋଲି ମେୟର କହିଥିଲେ। ଏହାପରେ ବ୍ରାଣ୍ଡ ଆମ୍ବାସାଡର୍‌ମାନଙ୍କୁ ନେଇ କରାଯାଇଥିବା ସଚେତନତା ଭିଡିଓ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଏମ୍‌ସି ଦୁଇ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଏବଂ ବିନୟ କୁମାର ଦାଶ ଉପସ୍ଥିତ ଥିଲେ।

ଏହି ଅବସରରେ ଅନ୍ୟ ଏକ ପ୍ରକଳ୍ପ 'ସ୍ୱଚ୍ଛ ଉଦ୍ୟମୀ' ଯୋଜନା ଅଧୀନରେ ସଫାଇ ମିତ୍ର ବୁଲୁ କୁମାର ଦିଗାଲଙ୍କୁ ଏକ ସେସ୍‌ପୁଲ୍ ଗାଡ଼ି ପ୍ରଦାନ କରାଯାଇଥିଲା। ସେହିପରି ଅନ୍ତର୍ଭୁକ୍ତୀକରଣ ସ୍ୱଚ୍ଛତା ସେବାକୁ ଆଗେଇ ନେବାପାଇଁ ଜଣେ ଦିବ୍ୟାଙ୍ଗଙ୍କୁ ଏକ ବ୍ୟାଟେରି ଚାଳିତ ସଫେଇଗାଡ଼ିର ଚାଳକ ଭାବେ ନିୟୋଜିତ କରାଯାଇଛି। ସରକାରଙ୍କ ନିୟମ ଅନୁସାରେ ତାଙ୍କର ମାସିକ ଶ୍ରମ ଦିଆଯିବାର ବ୍ୟବସ୍ଥା ମଧ୍ୟ ହୋଇଛି। ମେୟର ଏହି ଦୁଇଟିଯାକ ଗାଡ଼ିକୁ ହସ୍ତାନ୍ତର କରିଥିଲେ। ଉପଆୟୁକ୍ତ (ପରିମଳ) ଶୁଭେନ୍ଦୁ କୁମାର ସାହୁ କାର୍ଯ୍ୟ ସଂଯୋଜନା ଏବଂ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱଚ୍ଛ ଭୁବନେଶ୍ୱର ଅଭିଯାନ ସେଲ୍‌ର ଟିମ୍ ଲିଡର୍ ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ବିଏମ୍‌ସି ଅଞ୍ଚଳରେ ସ୍ୱେରେଜ୍ ସଫା ଜନିତ ପରିମଳ ସେବା ଯୋଗାଉଥିବା ୨୬ଜଣ କର୍ମୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ବ୍ୟାଙ୍କ ସଂଯୋଗ କରାଯାଇ ସେସ୍‌ପୁଲ୍ ଗାଡ଼ି ହସ୍ତାନ୍ତର କରାଯାଇଛି।

## 'ଶିକ୍ଷା, ଶିକ୍ଷକତାର ଅବସର ନ ଥାଏ'

ଗୋପ,(ଡି.ଏନ୍.ଏ.)- ମଣିଷର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷାର ଆବଶ୍ୟକ ରହିଛି। ତେଣୁ ଶିକ୍ଷା ଓ ଶିକ୍ଷକତାର କେବେ ଅବସର ନ ଥାଏ ବୋଲି ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର ଗୋପ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ଦାଶଙ୍କ ଶନିବାର ଅବସରକାଳୀନ ସଭାକାର୍ଯ୍ୟରେ ଜିଲା ଶିକ୍ଷାଧିକାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସଭାକାର୍ଯ୍ୟରେ ନିମାପଡ଼ା ବ୍ଲକ ଶିକ୍ଷାଧିକାରୀ ଅନିଲ ବିଶ୍ୱାଳଙ୍କ ଅଧକ୍ଷତାରେ ମୁଖ୍ୟବକ୍ତା ଅତିରିକ୍ତ ଜିଲା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ, ସମ୍ମାନିତ ଅତିଥି ଗୋପ ତହସିଲଦାର ଏସ୍ କେ ସାର୍ଗି, ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ସୁରେନ୍ଦ୍ର ନାଥ ଦାସ ସାମିଲ ଥିଲେ। ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସଂଘ ସଭାପତି ଶିବଦତ୍ତ ନାୟକ, କମଳିନୀ ବେହେରା, ଅଶୋକ ବେହେରା, ଚନ୍ଦ୍ରଶେଖର ପାତ୍ର, ଦୀପକ ସେନାପତି ପ୍ରମୁଖ ଯୋଗଦେଇ ରମେଶ ଚନ୍ଦ୍ର ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




୩୦।୪।୨୦୨୨

| | |
|---|---|
| ୩,୪୮,୮୮୨ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୩.୭୦୦ ଗ୍ରାମ |

# ଆଜି ପ୍ରକଳ୍ପ ଅନୁଧ୍ୟାନ କରିବ ଏଏସ୍ଆଇ

**ପୁରୀ ଅଫିସ,୩୦।୪:**

ଶ୍ରୀମନ୍ଦିର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟକୁ ନେଇ ରାଜନୈତିକ ବିବାଦ ବଢ଼ି ଚାଲିଥିବା ବେଳେ ରବିବାର ଏଏସ୍ଆଇ(ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ ରବିବାର କରିବ। ଏ ନେଇ ଏଏସ୍ଆଇ ପକ୍ଷରୁ ଶନିବାର ସୂଚନା ମିଳିଛି। ଏଏସ୍ଆଇ ଅଧିକାରୀମାନେ ଖନନ ସ୍ଥଳ ବୁଲିବା ସହ କେଉଁ ସ୍ଥାନରେ କ'ଣ କ'ଣ ନିର୍ମାଣ ଚାଲିଛି ତାହା ବୁଲି ଦେଖିବେ। ଏଏସ୍ଆଇ ଆଞ୍ଚଳିକ ନିର୍ଦ୍ଦେଶକ ଦିଲୀପ ହମାରି, ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ, ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ ପ୍ରମୁଖ ପ୍ରକଳ୍ପ ସ୍ଥଳୀ ପରିଦର୍ଶନ କରିବେ। ଠିକା ସଂସ୍ଥା ଟାଟା ପ୍ରାଇଭେଟ୍ ଲିମିଟେଡ୍ ଓ ଓବିସିସି ସହ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ। ଆମସାର୍ ଆକ୍ଟ - ୧୯୫୮ ନିୟମ ମୁତାବକ କାର୍ଯ୍ୟ ହେଉଛି କି ନାହିଁ ସେନେଇ ଏଏସଆଇ ତର୍ଜମା କରିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ସ୍ଥିତି ଅନୁଧ୍ୟାନ ପରେ ଏହାକୁ ରେକର୍ଡଭୁକ୍ତ କରାଯିବ।

ବିଶେଷ ଭାବେ ଏଏସ୍ଆଇ କେତେ ଗଭୀର ଖନନ ପାଇଁ ଅନୁମତି ଦେଇଛି ଓ ବାସ୍ତବରେ କେତେ ଖନନ ହୋଇଛି ସେସମ୍ପର୍କରେ ଜାଣିବାକୁ ଚେଷ୍ଟା କରାଯିବ। ଅନୁମତି ଥିବା ନିର୍ମାଣ ବ୍ୟତୀତ ଅନ୍ୟ କିଛି ନିର୍ମାଣ ହେଉଛି କି ନାହିଁ ସେସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରାଯିବ। ଆସନ୍ତା ମେ ୭ ସୁଦ୍ଧା ହାଇକୋର୍ଟରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସତ୍ୟପାଠ ଦାଖଲ କରିବାକୁ ଥିବା ହେତୁ ସମୀକ୍ଷା କାର୍ଯ୍ୟକୁ ରବିବାର ଶେଷ କରାଯିବ। ସେହିଭଳି ଓବିସିସି, ଟାଟା କମ୍ପାନୀ ଓ ଏଏସ୍ଆଇର ଯୁଗ୍ମ ସମୀକ୍ଷା ହେବ। ଟାଟା କମ୍ପାନୀ ଓ ଓବିସିସିର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ। ଅଭିଯୋଗ ଅନୁଯାୟୀ, ପ୍ରକଳ୍ପ କାର୍ଯ୍ୟ ବେଆଇନ ହୋଇଥିବା ବେଳେ ଆମସାର୍ ଆକ୍ଟର ଉଲ୍ଲଂଘନ ହୋଇ ନିର୍ମାଣ କାର୍ଯ୍ୟ କରାଯାଉ ନାହିଁ। ପ୍ରଶାସନ ପାଖରେ ଅନୁମୋଦନ ନ ଥିବା ସତ୍ତ୍ୱେ ମଧ୍ୟ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ସତ୍ୟ ସାମ୍ନାକୁ ଆସିଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡ଼ିଛି ଯେ, ଏଏସ୍ଆଇ ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ଦେଇନାହିଁ। ଏହି କଥା ଯଦି ସତ, ତେବେ କାର୍ଯ୍ୟ କିଭଳି ଭାବେ ଚାଲିଛି ସେନେଇ ପ୍ରଶ୍ନ କରାଯିବ। ସେହିଭଳି ଏଏସ୍ଆଇ ଓବିସିସିକୁ କାର୍ଯ୍ୟ ବନ୍ଦ କରିବା ପାଇଁ ପୂର୍ବରୁ ନୋଟିସ୍ କରିସାରିଥିଲା। ମାତ୍ର ପ୍ରକଳ୍ପ କାର୍ଯ୍ୟ ଦିନଟିଏ ମଧ୍ୟ ହୋଇନାହିଁ। ଏଏସ୍ଆଇ ପୁରୀ ସର୍କଲ ଅଫିସର ଜାଣତରେ ପ୍ରକଳ୍ପ କାର୍ଯ୍ୟ ଚାଲୁଥିଲେ ମଧ୍ୟ ଚିଠି ଲେଖି ଏଏସ୍ଆଇ ଚୁପ୍ ରହିଥିଲା। ତେଣୁ ରବିବାର ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ସମୀକ୍ଷା କରାଯିବ।

### ଠିକା ସଂସ୍ଥା, ଓବିସିସି ସହ ଆଲୋଚନା କରିବେ



ପୋଲିସ କର୍ମଚାରୀମାନେ ଜଣେ ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେଉଛନ୍ତି ।

## ଶ୍ରୀମନ୍ଦିର ସମ୍ମୁଖରେ ପୋଲିସର ମକ୍‌ଡ୍ରିଲ

**ପୁରୀ ଅଫିସ, ୩୦।୪**

### ନରେନ୍ଦ୍ର ପୁଷ୍କରିଣୀରେ ପ୍ରସ୍ତୁତ ହେଉଛନ୍ତି ନନ୍ଦା ଓ ଭଦ୍ରା

ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବା ସହ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବ। ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଏବଂ ରଥ ନିର୍ମାଣ କାର୍ଯ୍ୟ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ତତ୍ପର ହେବା ସହ ବିଭିନ୍ନ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଦୁଇବର୍ଷ ଧରି ବିନା ଭକ୍ତରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଚଳିତବର୍ଷ ଭକ୍ତ ସାମିଲ ହେବେ। ଚଳିତବର୍ଷ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବା ନେଇ ଆଶଙ୍କା କରାଯାଇଛି। ତେଣୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୋଲିସ ପ୍ରଶାସନ ପକ୍ଷରୁ ଶନିବାର ମକ୍‌ଡ୍ରିଲ କରାଯାଇଛି। କୌଣସି ଭକ୍ତ ହଠାତ୍ ଅସୁସ୍ଥ କିମ୍ବା ଅଚେତ ହୋଇପଡିଲେ ତାଙ୍କୁ ତୁରନ୍ତ କିଭଳି ଉଦ୍ଧାର କରାଯାଇ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇପାରିବ ସେନେଇ ଏସ୍‌ପି କନୱର ବିଶ୍ୱାଳ ସିଂଙ୍କ ତତ୍ତ୍ୱାବଧାନରେ ଏହି ମକ୍‌ଡ୍ରିଲ କରାଯାଇଥିଲା। ତେବେ ନିୟମିତ ଭାବେ ଏହି ବ୍ୟବସ୍ଥାର ଅନୁଧ୍ୟାନ କରାଯିବ ବୋଲି ଏସପି ସିଂ କହିଛନ୍ତି। ମକ୍‌ଡ୍ରିଲ ସମୟରେ ପୋଲିସ ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ଚନ୍ଦନଯାତ୍ରାକୁ ଆଉ ଦୁଇ ଦିନ ଥିବାବେଳେ ଯାତ୍ରା ପାଇଁ ପ୍ରସ୍ତୁତି ନରେନ୍ଦ୍ର ପୁଷ୍କରିଣୀ ଏବଂ ଚନ୍ଦନ ଚକଡାରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଙ୍ଗ କାର୍ଯ୍ୟ ପ୍ରାୟ ସରିଥିବାବେଳେ ଶନିବାର ଚାପଦ୍ୱୟ ଡଙ୍ଗାର କାର୍ଯ୍ୟ ଆରମ୍ଭ ହୋଇଛି। ମହାରଣା ସେବାୟକମାନେ ଡଙ୍ଗାଗୁଡ଼ିକୁ ଏକାଠି କରି ଦୁଇଟି ଦୁଇଟି ଡଙ୍ଗାକୁ ମିଶାଇ ନନ୍ଦା ଏବଂ ଭଦ୍ରା ଡଙ୍ଗାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଭୋଇ ସେବକମାନେ କାର୍ଯ୍ୟରେ ସହଯୋଗ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ୪୦୫ ଛାତ୍ରୀଛାତ୍ର ଦେଲେ ନବୋଦୟ ପରୀକ୍ଷା

କଣାସ, ୩୦।୪(ସ୍ୱ.ପ୍ର.): କଣାସ ବ୍ଲକର କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଓ କଣାସଠାରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ନବୋଦୟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମୋଟ ୪୦୫ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୩ ଜଣ ପରୀକ୍ଷା ଦେଇଥିବା ବେଳେ ୨୫ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ସେହିପରି ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୨ ଜଣ ପରୀକ୍ଷା ଦେଇଥିବା ବେଳେ ୨୬ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। କଣାସ ବ୍ଲକ ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ, ଅତିରିକ୍ତ ଶିକ୍ଷାଧିକାରୀ ସର୍ବେଶ୍ୱର ଜେନା, ସୂର୍ଯ୍ୟନାରାୟଣ ନାୟକ, ନାରାୟଣ ପ୍ରଧାନ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ଥିଲେ।

### ଗଦି କୁସ୍ତି ପ୍ରତିଯୋଗିତା

ପୁରୀ ଅଫିସ, ୩୦।୪ - ୧୫ ବର୍ଷରୁ କମ୍ ଏବଂ ୨୩ ବର୍ଷରୁ କମ୍ ପୁରୁଷ ଏବଂ ମହିଳା ବିଭାଗ ସ୍ତରରେ ଗଦି କୁସ୍ତି ପ୍ରତିଯୋଗିତା ସ୍ଥାନୀୟ ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ଅଲ୍ ଓଡ଼ିଶା କୁସ୍ତି ସଂଘର ସଭାପତି ରାମଚନ୍ଦ୍ର ପାଢ଼ୀ, ସାଧାରଣ ସମ୍ପାଦକ ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ଜିଲା ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଜିଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, କୋଚ ଅମ୍ବାଳିକା ଜେନା, କାର୍ଯ୍ୟକର୍ତ୍ତା ଶ୍ୟାମସୁନ୍ଦର ମହାପାତ୍ର, କୃଷ୍ଣମୋହନ ପାତ୍ର, ସନ୍ତୋଷ ସାହୁ, କୃଷ୍ଣଚନ୍ଦ୍ର ସାହୁ, ହରିହର କର ଏବଂ ନରସିଂହ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀମାନେ କୃତକାର୍ଯ୍ୟ ହେବେ ସେମାନେ ମେ ୬ରେ କଟକରେ ଖେଳାଯିବାକୁ ଥିବା ରାଜ୍ୟସ୍ତରୀୟ ଗଦି କୁସ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

### ଇଫ୍‌ତାର ପାର୍ଟିରେ ବିଧାୟକ

ପିପିଲି,୩୦।୪(ଡି.ଏନ୍.ଏ.): ପିପିଲି ଏନ୍‌ଏସି ୬ନଂ. ୱାର୍ଡ ନରସିଂହପୁର ଗ୍ରାମର ସାହି ମସଜିଦ୍‌ରେ ଶୁକ୍ରବାର ସନ୍ଧ୍ୟାରେ ଇଫ୍‌ତାର ପାର୍ଟିର ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ସମସ୍ତଙ୍କ ସହ ଏକାଠି ଖାଇବାର ଆନନ୍ଦ ନେବା ସହ ସମସ୍ତଙ୍କ ପାଇଁ ଶୁଭ ମନାସିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ମହାରଥୀ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ଏଭଳି ଭାଇଚାରା ମାଧମରେ ପିପିଲିର ପ୍ରଗତି ହେଉ ବୋଲି ସେ କହିଥିଲେ। ବିଧାୟକଙ୍କ ଏପରି ଭାଇଚାରାକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ପିପିଲି ଏନ୍‌ଏସି ଅଧକ୍ଷ ସେକ୍ ବାବୁ, ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ବରିଷ୍ଠ ସାମାଜିକ କର୍ମୀ ଅମିନ ଉଦ୍ଦିନ ଖାଁଙ୍କ ସହ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।



ସେବାୟତମାନେ ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ ନୀତି ପାଇଁ ବେଳାଭୂମିକୁ ନେଉଛନ୍ତି ।

## ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ନୀତି

**ପୁରୀ ଅଫିସ,୩୦।୪**

ଶ୍ରୀମନ୍ଦିରରେ ଶନିବାର ସାଗର ବିଜେ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ରୀତିନୀତି ଅନୁସାରେ ସକାଳଧୂପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚତୁର୍ଦ୍ଧୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା, ବାଦ୍ୟ ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ବେଳାଭୂମିକୁ ବିଜେ କରାଇଥିଲେ। ସେଠାରେ ପାଳିଆ ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ଅନ୍ୟାନ୍ୟ ନୀତି କରିବା ପରେ ବାହୁଡ଼ା ବିଜେ କରିଥିଲେ।

## ବିଦ୍ୟାଳୟ ଅର୍ଥ ଆତ୍ମସାତ୍ ଅଭିଯୋଗ

**କୋଣାର୍କ,୩୦।୪(ଡି.ଏନ୍.ଏ.)**




କନ୍ତିମଳା ବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଦସ୍ୟ ଓ ଅନ୍ୟମାନେ ଧାରଣାରେ ବସିଛନ୍ତି ।

କୋଣାର୍କ ଥାନା ଅଧୀନ ଅବଦାନ ପଞ୍ଚାୟତର କନ୍ତିମଳା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅର୍ଥ ଆତ୍ମସାତ୍ ଓ ପରିଚାଳନାଗତ ତ୍ରୁଟି ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବିରେ ବିଦ୍ୟାଳୟ ସମ୍ମୁଖରେ ଗ୍ରାମର କେତେଜଣ ସଚେତନ ନାଗରିକ, ପୁରାତନ ପରିଚାଳନା କମିଟି ସଭ୍ୟ ଓ ବର୍ତ୍ତମାନ ପରିଚାଳନା କମିଟିର କେତେଜଣ ସଦସ୍ୟ ଶନିବାର ଗଣଧାରଣା ଦେଇଛନ୍ତି। ଖବର ଅନୁଯାୟୀ, କିଛିମାସ ପୂର୍ବରୁ କନ୍ତିମଳା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ ପରଠାରୁ ବିଦ୍ୟାଳୟ ପରିଚାଳନା କମିଟିକୁ ଆସୁଥିବା ସରକାରୀ ଅନୁଦାନ ସମ୍ପର୍କରେ ସବିଶେଷ ହିସାବ ପ୍ରଦାନ ନ କରିବା, ପରିଚାଳନାଗତ ତ୍ରୁଟି ଏବଂ ନାନା ଉନ୍ନତୀକରଣ କାର୍ଯ୍ୟର ଅର୍ଥ ଆତ୍ମସାତ୍ ହେଉଥିବା ଅଭିଯୋଗ ହୋଇଥିଲା। ଏ ନେଇ କନ୍ତିମଳା ଗ୍ରାମର ଗ୍ରାମବାସୀ, ପୂର୍ବତନ ଓ ବର୍ତ୍ତମାନର ପରିଚାଳନା କମିଟି ସଭ୍ୟମାନେ ଏହାର ବିଧିବଦ୍ଧ ତଦନ୍ତ ପାଇଁ ପୁରୀ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, କାକଟପୁର ବିଡିଓ, ତହସିଲଦାର, ବ୍ଲକ ଶିକ୍ଷାଧିକାରୀ, ବ୍ଲକ ଅଧକ୍ଷ ଓ କୋଣାର୍କ ଥାନାଧିକାରୀ ପ୍ରମୁଖଙ୍କୁ ଗତ ୨୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କୌଣସି ତଦନ୍ତ ନ ହେବାରେ ଶନିବାର ବିଦ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଧାରଣାସ୍ଥଳରେ କୌଣସି ଅଧିକାରୀ ପହଞ୍ଚି ନ ଥିବାବେଳେ ବ୍ଲକ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ଦୁଇଟି ବ୍ଲକ ଦାୟିତ୍ୱରେ ଥିବାରୁ ଧାରଣାସ୍ଥଳକୁ ସେ ସୋମବାର ଯାଇ ଘଟଣାର ତଦନ୍ତ ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି। ଗଣଧାରଣାରେ କନ୍ତିମଳା ଗ୍ରାମର ଅଜୟ ସ୍ୱାଇଁ, ଜୟରାମ ବଳ, ଗୋବର୍ଦ୍ଧନ ବେହେରା, ଗନ୍ଧର୍ବସ୍ୱାଇଁ, ତ୍ରିଲୋଚନ ସ୍ୱାଇଁ ଓ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ତଦନ୍ତ ଦାବିରେ ଗଣଧାରଣା

## ଜଗନ୍ନାଥ ସଂସ୍କୃତି, ଶ୍ରୀକ୍ଷେତ୍ର ମାହାତ୍ମ୍ୟର ଆଲୋଚନା

**ପୁରୀ ଅଫିସ,୩୦।୪**

ଅନ୍ତର୍ଜାତୀୟ ଶ୍ରୀଲୋକନାଥ ସଂଘ ପକ୍ଷରୁ ପୁରୀ ସର୍ଗଦ୍ୱାର ନିକଟ ସମୁଦ୍ର ତଟରେ ଦିବ୍ୟ ସତ୍‌ସଙ୍ଗ ଓ ଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବର ସଂଯୋଜକ ଗୁରୁଚରଣ ଦାସଙ୍କ ସଂଯୋଜନାରେ ଏହି ଉତ୍ସବରେ ଶ୍ରୀଲୋକନାଥ ସଂଘର ସଭାପତି ପ୍ରଭାସ ଚୌଧୁରୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବକୁ ସଂଘର ସନ୍ନ୍ୟାସୀ ଦେବାନନ୍ଦ ବ୍ରହ୍ମଚାରୀଜୀ ଓ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବୈଜ୍ଞାନିକ ଡ. ପ୍ରଦୀପ୍ତ ମିଶ୍ର, ସମ୍ମାନିତ ଅତିଥି ଭାବରେ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର, ଟାଟାମେନ୍ ହସ୍ପିଟାଲର ଅଧକ୍ଷ ଡ. ଜଗନ୍ନାଥ ଆଚାର୍ଯ୍ୟ, ସୁଦର୍ଶନ ବେହେରା, ଦିଲୀପ ପଟ୍ଟନାୟକ, ଜଗନ୍ନାଥ ସଂସ୍କୃତି ଗବେଷକ ଲକ୍ଷ୍ମୀପ୍ରସାଦ ମିଶ୍ର, ଏ ନାରାୟଣ ଆଚାରୀ, ସ୍ତମ୍ଭକାର ହରିଶଙ୍କର ମିଶ୍ର, ଏ ଜଗନ୍ନାଥ ଆଚାରୀ ଯୋଗ ଦେଇଥିଲେ। ବକ୍ତାମାନେ ଜଗନ୍ନାଥ ସଂସ୍କୃତି, ଶ୍ରୀକ୍ଷେତ୍ର ମାହାତ୍ମ୍ୟ ଉପରେ ଆଲୋଚନା କରିଥିଲେ। ଶ୍ରୀଶ୍ରୀ ଲୋକନାଥ ବ୍ରହ୍ମଚାରୀ ଭାରତୀୟ ଯୋଗ ଦର୍ଶନକୁ ସରଳୀ କରଣ କରି ତାହା କିପରି ମାନବର ଉତ୍ଥାନରେ ସହାୟକ ହୋଇପାରିବ ତାହା କରି ଦେଖାଇଥିଲେ। ଏହି ଅବସରରେ କେତେଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଜାତୀୟ ଶ୍ରୀଲୋକନାଥ ସଂଘର ସମ୍ପାଦକ ନବ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ଭାରତୀକୃଷ୍ଣ ପରୀକ୍ଷାରେ ୨ ଛାତ୍ରଙ୍କ କୃତିତ୍ୱ

**କଣାସ,୩୦।୪ (ସ୍ୱ.ପ୍ର.):**

କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ଶ୍ରେଣୀ ଛାତ୍ର ସାଇସ୍ୱାଗତ ସୁନ୍ଦରାୟ ରାଜ୍ୟସ୍ତରୀୟ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେହିଭଳି ଉକ୍ତ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ରାଜଦୀପ୍ ଦାସ ମଧ୍ୟ ଉକ୍ତ ପରୀକ୍ଷାରେ ରାଜ୍ୟରେ ନବମ ସ୍ଥାନ ଅଧିକାର କରିଥିବାରୁ ସ୍କୁଲ ଓ ଅଞ୍ଚଳ ପାଇଁ ଉଭୟେ ଗର୍ବ ସାଜିଛନ୍ତି। ଗତବର୍ଷ କଣାସ ବ୍ଲକ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ଅନନ୍ୟା ବରାଳ ଦ୍ୱିତୀୟ ସ୍ଥାନର ଅଧିକାରୀ ଥିଲେ। ପ୍ରତିବର୍ଷ ଛାତ୍ରୀଛାତ୍ର ବିଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବାରୁ ଅଭିଭାବକମାନେ ଗୁରୁଜୀ ଓ ଗୁରୁମାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜଳିଗଲା ୩ ବଖରା, ୨ ବାଇକ୍

**ସାକ୍ଷୀଗୋପାଳ,୩୦।୪(ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକ ଅଲଗୁମ ପଞ୍ଚାୟତର ବାଉଁଶ ଗାଡ଼ିଆ ଗ୍ରାମରେ ଶୁକ୍ରବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ମହେଶ୍ୱର ପ୍ରଧାନଙ୍କ ୨ ବଖରା, କାଳିଆ ପ୍ରଧାନଙ୍କ ୧ ବଖରା ସହିତ ଆସବାବପତ୍ର ପୋଡ଼ିଯାଇଥିବା ବେଳେ ନିଆଁ ତାଡିରେ ପଡ଼ୋଶୀ ଅନାମ ପ୍ରଧାନଙ୍କ ଆଜବେଷ୍ଟସ ଛପର ନଷ୍ଟ ହୋଇଛି। ସେହିପରି ଘର ଆଗରେ ଥିବା ତ୍ରିଲୋଚନ ପ୍ରଧାନଙ୍କ ଓଡି ୧୩-୦୬୧୫ ଏବଂ ପ୍ରତାପ ପ୍ରଧାନଙ୍କର ଓଡି ୧୩ ଏ -୮୧୧୪ ଦୁଇଟି ବାଇକ୍ ଜଳିଯାଇଛି। ସୂଚନାଯୋଗ୍ୟ, ଉକ୍ତ ରାତିରେ ଗ୍ରାମର ପଦ୍ମଚରଣ ପ୍ରଧାନ ପରିସ୍ରା କରିବାକୁ ଉଠିଥିବାବେଳେ ମହେଶ୍ୱରଙ୍କ ଘରେ ନିଆଁ ଲାଗିଥିବା ଓ ବାହାରେ ଏକ ଗାଡ଼ି ଜଳୁଥିବା ଦେଖି ଡାକ ପକାଇଥିଲେ। ପାଟି ଶୁଣି ଗ୍ରାମବାସୀ ଉଠି ଦେଖିବାବେଳେ ନିଆଁ ବ୍ୟାପିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବର ପାଇ ସତ୍ୟବାଦୀ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତଥାପି ୪ଜଣଙ୍କ ଘର ଜଳିଯିବା ସହ ୨ଟି ବାଇକ୍ ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ଶନିବାର ଘଟଣା ବିଷୟରେ ଜାଣି ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ ପ୍ରମୁଖ ପହଞ୍ଚି ଅଗ୍ନିପିଡ଼ିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେଇଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

## ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘର ବୈଠକ

**ପୁରୀ ଅଫିସ,୩୦।୪**

ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ସଂଘର ସଭାପତି ଲକ୍ଷ୍ମୀଧର ତ୍ରିପାଠୀଙ୍କ ସଭାପତିତ୍ୱରେ ବାଲିସାହିସ୍ଥିତ ଶ୍ୟାମାକାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ବୈଠକରେ ପେନ୍‌ସନ୍‌ଭୋଗୀ ଶିକ୍ଷକ, କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଥିବା ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ଖାଲିପଡିଥିବା ଶିକ୍ଷକ ପଦବୀ ପୂରଣ କରିବା ସହ ଦୁଇବର୍ଷର ପାଠପଢା କ୍ଷତି ପୂରଣ ପାଇଁ ପୂରା କୋର୍ସ ପାଠପଢା ହେବ। ଏଥି ନିମନ୍ତେ ରାଜ୍ୟ ଶିକ୍ଷା ପାଣ୍ଠିରୁ ୭୧ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସଂଗଠନ ନାପସନ୍ଦ କରିଛି । ଅନ୍ୟପଟେ ଶିକ୍ଷକଙ୍କ ଅନ୍ୟାନ୍ୟ ଦାବି ସମ୍ପର୍କରେ ସରକାରଙ୍କ ଜଣାଯିବ ବୋଲି ସଂଗଠନର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କହିଥିଲେ। ତେଣୁ ଏଭଳି ଘଟଣାର ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ନ୍ୟାୟ ପ୍ରଦାନ କରିବାକୁ ବେହେରା ଦାବି କରିଥିଲେ। ବୈଠକରେ ପ୍ୟାରୀମୋହନ ପଟ୍ଟନାୟକ, ପ୍ରଫେସର ଅଦ୍ୱୈତ ଚରଣ ଧଳ, ଅନିଲ ବିଶ୍ୱାଳ, ସନ୍ତୋଷ ମହାନ୍ତି, ଅର୍ଜ୍ଜୁନ ପରମଗୁରୁ, ବ୍ରହ୍ମାନନ୍ଦ ଦାସ, ପ୍ରଫୁଲ୍ଲ ସାହୁ , ଜଗନ୍ନାଥ ବାରିକ ପ୍ରମୁଖ ସାମିଲ ଥିଲେ। ଗଣେଶ୍ୱର ମହାପାତ୍ର, ଦାଶରଥି ମହାପାତ୍ର ଏବଂ ଅଭିରାମ ଜେନା ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। କୃଷ୍ଣମୋହନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ନୃତ୍ୟ ଆସରରେ ଜମିଲା ରଙ୍ଗମଞ୍ଚ

**ପୁରୀ ଅଫିସ,୩୦।୪**

ଶ୍ରୀକ୍ଷେତ୍ର ନୃତ୍ୟଶିଳ୍ପୀ ସଂଘ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ପଞ୍ଚମ ବିଶ୍ୱ ନୃତ୍ୟ ଦିବସ ପାଳିତ ହୋଇଯାଇଛି। ସାଂସ୍କୃତିକ ସନ୍ଧ୍ୟାରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଏବଂ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମଞ୍ଚରେ ଶ୍ରୀକ୍ଷେତ୍ରର ନୃତ୍ୟ ଗୁରୁ, ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଶିଳ୍ପୀ ତଥା ଶ୍ରୀକ୍ଷେତ୍ରର ଅଗ୍ରଣୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ମାହାରୀ ନୃତ୍ୟ, ଗୋଟିପୁଅ, ଓଡ଼ିଶୀ, ଲୋକ ନୃତ୍ୟ ଏବଂ ଆଧୁନିକ ନୃତ୍ୟ ଆସରରେ ଜମିଯାଇଥିଲା ରଙ୍ଗମଞ୍ଚ। ଓଡ଼ିଶୀ ନୃତ୍ୟ ଶିଳ୍ପୀ ରୋଜାଲିନ ମହାନ୍ତି ଏବଂ ବରିଷ୍ଠ ସାମ୍ବାଦିକ ସଞ୍ଜୀବ ରଥଶର୍ମା ମଞ୍ଚକୁ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା କଳାକାର ଏବଂ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ରବିନାରାୟଣ ପଣ୍ଡା, ଚନ୍ଦ୍ରିକା ରଣା, ରୋଜାଲିନ ମହାନ୍ତି, କୁମାର ଭୀମସେନ, ସୋମନାଥ ନାୟକ ଏବଂ ଆଧୁନିକ ନୃତ୍ୟର କୋରିଓଗ୍ରାଫର୍ ରବିନାରାୟଣ ମହାପାତ୍ର, ସନ୍ତୋଷ ପଣ୍ଡା ଏବଂ ଇନ୍ଦ୍ରମଣି ପ୍ରଧାନ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀକ୍ଷେତ୍ର ନୃତ୍ୟ ଶିଳ୍ପୀ ସଂଘର ଚେୟାରମ୍ୟାନ ରୁପଶ୍ରୀ ମହାପାତ୍ର, ସଭାପତି ବିଜୟଲକ୍ଷ୍ମୀ ଦାସ, ଉପସଭାପତି ବଟକୃଷ୍ଣ ପୁଷ୍ପାଳକ, କାର୍ଯ୍ୟକାରୀ ସଭାପତି ସଞ୍ଜୟ ଦାସ ମହାପାତ୍ର, ସାଧାରଣ ସମ୍ପାଦକ ସୁକେଶ ପ୍ରଧାନ, ସହ ସମ୍ପାଦକ ଶୈଳେଶ ଦାସ, କୋଷାଧକ୍ଷ ମନୋରଞ୍ଜନ ସାହୁ, ସାଂସ୍କୃତିକ ସମ୍ପାଦକ ଅମିତ୍ ଚାଟାର୍ଜୀ, ନାରାୟଣ ପାଣ୍ଡେ, ଇନ୍ଦ୍ରମଣି ପ୍ରଧାନ, ରାକେଶ ମହାନ୍ତି, ଚନ୍ଦ୍ରଶେଖର ସାହୁ ଏବଂ ହରେକୃଷ୍ଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ବିଶ୍ୱ ନୃତ୍ୟ ଦିବସ ଅବସରରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ।

## ୨ବର୍ଷ ପରେ ଚନ୍ଦନଯାତ୍ରା ଦେଖିବେ ଶ୍ରଦ୍ଧାଳୁ

**ପୁରୀ ଅଫିସ,୩୦।୪:**

ଗତ ଦୁଇବର୍ଷ କରୋନା ଯୋଗୁ ଚନ୍ଦନଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ବାରଣ କରାଯାଇ କେବଳ ନୀତିକାନ୍ତିରେ ହୋଇଥିବାବେଳେ ଚଳିତବର୍ଷ ଚନ୍ଦନଯାତ୍ରାକୁ ଦେଖିବାକୁ ଭକ୍ତଙ୍କୁ ଅନୁମତି ଦିଆଯାଇଛି। ଚନ୍ଦନଯାତ୍ରା ପାଇଁ ସମସ୍ତ ନୀତି ଓ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଏ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଶ୍ରୀଜୀଉଙ୍କ ଚନ୍ଦନଯାତ୍ରା ସାଧାରଣ ଦିନର ନୀତି ସମେତ ବିଶେଷ ଦିନର ନୀତି ନିର୍ଘଣ୍ଟ ହୋଇଛି। ଅକ୍ଷୟତୃତୀୟା ମେ ୩ ତାରିଖ, ନୀଳାଦ୍ରି ମହୋଦୟ ୯ ତାରିଖ, ନୃସିଂହ ଜନ୍ମ ୧୪ ତାରିଖ ଓ ଭଉଁରୀ ଯାତ୍ରା ୨୨ ତାରିଖରେ ଅନୁଷ୍ଠିତ ହେବ।

ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଶନିବାର ଶେଷ ସଂଯୋଜନା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ସେବା, ବିଦ୍ୟୁତ୍, ଜଳଯୋଗାଣ ଭଳି ସମସ୍ତ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଛି। ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ସେବାୟତ ଓ ପ୍ରଶାସନ ଅଧିକାରୀ ଓ କର୍ମଚାରୀମାନଙ୍କ କାର୍ଯ୍ୟ ବଣ୍ଟନ ହୋଇଛି। ପ୍ରଚୁର ପାନୀୟ ଜଳ ଓ ଓଆରଏସ୍‌ର ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ବସିବା ଓ ନରେନ୍ଦ୍ର ପୁଷ୍କରିଣୀକୁ ଆଲୋକମାଳାରେ ସଜାଇବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି। ସେହିଭଳି ନୀତି ଠିକ୍ ସମୟରେ ଆରମ୍ଭ ହୋଇ ସମୟରେ ସାରିବା ନେଇ ଆଲୋଚନା କରାଯାଇଛି। ଅନ୍ୟପଟେ ଆସନ୍ତା ୫ ତାରିଖରେ ରଥଯାତ୍ରା ପାଇଁ ପ୍ରଥମ ସମନ୍ୱୟ ବୈଠକ ବସିବ। ବୈଠକରେ ସବୁ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିବେ।



ବୈଠକରେ ଉପସ୍ଥିତ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ ।

### ୫ରେ ରଥଯାତ୍ରା ସମନ୍ୱୟ ବୈଠକ

ଚଳିତବର୍ଷ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ହେବା ନେଇ ଆଶା ଥିବାରୁ ବ୍ୟାପକ ପ୍ରସ୍ତୁତି କରିବା ପାଇଁ ପୁରୀ ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ ଭାବେ ଗହଳି ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି କନୱର ବିଶାଲ ସିଂ. କହିଛନ୍ତି। ଅନ୍ୟପକ୍ଷେ ଖରାକୁ ଦୃଷ୍ଟିରେ ରଖି ଛାମୁଣ୍ଡିଆ, ଥଣ୍ଡା ପାନୀୟ ଓ ଜଳ ସିଞ୍ଚନର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ପୌରସଂସ୍ଥା କହିଛି। ବୈଠକରେ ଜିଲାପାଳଙ୍କ ସମେତ ଏସ୍‌ପି ସିଂ, ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ପ୍ରଶାସକ ଓ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜେସିବି ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

**ବୋଲଗଡ଼,୩୦।୪(ଡି.ଏନ୍.ଏ.):** ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଞ୍ଚଳର ଅସରଳା ଗ୍ରାମର କୁଞ୍ଜବନ ରାସ୍ତାରେ ଜେସିବି ଧକ୍କାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅସରଳା ଗ୍ରାମ ଅନ୍ତର୍ଗତ ମଙ୍ଗରାଜପୁର ମୌଜାର ଆଲୋକ କୁମାର ସାହୁ(୧୨)। ତେବେ ସେ ସ୍ଥାନୀୟ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ର ଥିଲେ। ସୂଚନା ମୁତାବକ, ଅସରଳା ଠାରୁ କୁଞ୍ଜବନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏଥିରେ ଏକ ଜେସିବି କାର୍ଯ୍ୟ କରୁଥିଲା। ଏହି ସମୟରେ ଆଲୋକ ରାସ୍ତାରେ ଯାଉଥିବା ବେଳେ ଜେସିବି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଜେସିବି ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି।

### ଜଳିଗଲା ୩ ବଖରା, ୨ ବାଇକ୍

**ସାକ୍ଷୀଗୋପାଳ,୩୦।୪(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ ଅଳଗୁମ ପଞ୍ଚାୟତର ବାଉଁଶ ଗାଡ଼ିଆ ଗ୍ରାମରେ ଶୁକ୍ରବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ମହେଶ୍ୱର ପ୍ରଧାନଙ୍କ ୨ ବଖରା, କାଳିଆ ପ୍ରଧାନଙ୍କ ୧ ବଖରା ସହିତ ଆସବାବପତ୍ର ପୋଡ଼ିଯାଇଥିବା ବେଳେ ନିଆଁ ତାତିରେ ପଡ଼ୋଶୀ ଅନାମ ପ୍ରଧାନଙ୍କ ଆଜବେଷ୍ଟସ ଛପର ନଷ୍ଟ ହୋଇଛି। ସେହିପରି ଘର ଆଗରେ ଥିବା ତ୍ରିଲୋଚନ ପ୍ରଧାନଙ୍କ ଓଡି ୧୩-୦୬୧୫ ଏବଂ ପ୍ରତାପ ପ୍ରଧାନଙ୍କର ଓଡି ୧୩ ଏ -୮୧୧୪ ଦୁଇଟି ବାଇକ୍ ଜଳିଯାଇଛି। ସୂଚନାଯୋଗ୍ୟ, ଉକ୍ତ ରାତିରେ ଗ୍ରାମର ପଦ୍ମଚରଣ ପ୍ରଧାନ ପରିସ୍ରା କରିବାକୁ ଉଠିଥିବାବେଳେ ମହେଶ୍ୱରଙ୍କ ଘରେ ନିଆଁ ଲାଗିଥିବା ଓ ବାହାରେ ଏକ ଗାଡ଼ି ଜଳୁଥିବା ଦେଖି ଡାକ ପକାଇଥିଲେ। ପାଟି ଶୁଣି ଗ୍ରାମବାସୀ ଉଠି ଦେଖିବାବେଳେ ନିଆଁ ବ୍ୟାପିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବର ପାଇ ସତ୍ୟବାଦୀ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତଥାପି ୪ଜଣଙ୍କ ଘର ଜଳିଯିବା ସହ ୨ଟି ବାଇକ୍ ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ଶନିବାର ଘଟଣା ବିଷୟରେ ଜାଣି ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ ପ୍ରମୁଖ ପହଞ୍ଚି ଅଗ୍ନିବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେଇଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

### ଅଧାପକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

**ନିରାକାରପୁର,୩୦।୪(ଡି.ଏନ୍.ଏ.):** କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରଫୁଲ୍ଲ ଷଡ଼ଙ୍ଗୀଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀରାମ ଦୟା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ତ୍ରିପାଠୀ, ଲକ୍ଷ୍ମୀଧର ସାମନ୍ତରାୟ, ବେଣୁଧର ଚମ୍ପତିରାୟ, ଡ. ମୃତ୍ୟୁଞ୍ଜୟ ରଥ, ପ୍ରଭାତ କୁମାର ଦାଶ, ପୁଣ୍ୟଦର୍ଶନ ସାହୁ ପ୍ରମୁଖ ଡ. ଷଡ଼ଙ୍ଗୀଙ୍କୁ ସ୍ମୃତିଫଳକ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଅନୁରୂପ ଭାବେ ମହାବିଦ୍ୟାଳୟ ପରିସରରେ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀଙ୍କ ଉପସ୍ଥିତିରେ ଷଡ଼ଙ୍ଗୀଙ୍କୁ ବିଦାୟୀ ସମ୍ମାନ ଦିଆଯାଇଥିଲା। ଛାତ୍ରବତ୍ସଳ, ପ୍ରବୀଣ ପ୍ରାଧାପକ ଭାବେ ଷଡ଼ଙ୍ଗୀଙ୍କ ଅବଦାନ ସ୍ମରଣୀୟ ରହିବ ବୋଲି କର୍ମଚାରୀମାନେ ମତବ୍ୟକ୍ତ କରିଥିଲେ।

# ନିର୍ଦ୍ଦେଶନାମା କାଗଜକଲମରେ ସୀମିତ

**ଖୋର୍ଦ୍ଧା ଅଫିସ,୩୦।୪**

ଖୋର୍ଦ୍ଧା ସହରର ଦୈନିକ ତାପମାତ୍ରା ୩୮ରୁ ୪୦ ଡିଗ୍ରୀ ପର୍ଯ୍ୟନ୍ତ ରହୁଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନେ କାମ କରିବେ ନାହିଁ ବୋଲି ଜିଲାପାଳଙ୍କ ନିର୍ଦ୍ଦେଶ ରହିଥିଲା। ତେବେ ଖରାରେ ଖୋଦ୍ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶ୍ରମିକମାନେ କାମ କରୁଥିବା ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ପରିସରରେ ମାଟି ସମତୁଲ, ଅନାବନା ଗଛଲତା ଉପାଡିବା ଆଦି କାର୍ଯ୍ୟ ଶ୍ରମିକମାନେ କରୁଛନ୍ତି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଜାତୀୟ ରାଜପଥର ସମ୍ପ୍ରସାରଣ କାମ ଜାରି ରହିଛି। ଏଠାରେ ମଧ୍ୟ ସମାନ ସ୍ଥିତି। ଜାତୀୟ ରାଜପଥରେ ଜଳ କିଓସ୍କ ଏବଂ ନିର୍ମାଣ ସ୍ଥଳରେ ପର୍ଯ୍ୟାପ୍ତ ମାତ୍ରାରେ ପାନୀୟଜଳ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ସତ୍ତ୍ୱେ ଏହା ପ୍ରହସନରେ ପରିଣତ ହୋଇଛି। ୧୬ ନମ୍ବର ଜାତୀୟ ରାଜପଥର ଜଟଣୀ ଗେଟ୍‌ଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଜାରି ରହିଛି। କେଉଁଠି ହେଲେ ପ୍ରଶାସନ କିମ୍ବା ଶ୍ରମ ବିଭାଗ ପକ୍ଷରୁ କୌଣସି ଗାଇଡ୍‌ଲାଇନ ଜାରି କରାଯାଇ ନ ଥିବା ଜଣାପଡ଼ିଛି। କେବଳ ସରକାରୀ କାଗଜକଲମରେ ନିର୍ଦ୍ଦେଶନାମା ଜାରି କରି ପ୍ରଶାସନିକ ଅଧିକାରୀମାନେ ଚୁପ୍ ବସିଛନ୍ତି।

ସେହିପରି ସହରରେ ସବୁଠି କୋଠାବାଡ଼ି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶ୍ରମିକମାନେ ବିପଜ୍ଜନକ ଭାବେ କାମ କରୁଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଗାଇଡ୍‌ଲାଇନ ପାଳନ କରାଯାଉନାହିଁ।

**ଖରାରେ କାମ କରୁଛନ୍ତି ଶ୍ରମିକ**



ଠିକାସଂସ୍ଥା ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯାଉ ନ ଥିବା ବହୁ ଶ୍ରମିକ କହିଛନ୍ତି। ଖୋର୍ଦ୍ଧା ସହରର ଟ୍ରାଫିକ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ, ନୟାଗଡ ରାସ୍ତା, ମାରୱାଡି ପଟି, ଗୋଡ଼ି ପୋଖରୀ, ମୁକୁନ୍ଦପ୍ରସାଦ ଜନଗହଳି ରହୁଥିଲେ ମଧ୍ୟ ପୌର ପ୍ରଶାସନ ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା କରାଯାଇନାହିଁ। ଡାକବଙ୍ଗଳା ଓ ନୂଆ ବସ୍‌ଷ୍ଟାଣ୍ଡରେ ଏକ ଟେଷ୍ଟହାଉସ ତଳେ ଦୁଇଟି ପାଣି ମାଠିଆ ରଖି ପ୍ରଶାସନ କାମ ସାରିଦେଇଛି। ପାଣି ସରିବା ପରେ ମାଠିଆ ଭରିବାକୁ କେହି ନାହାନ୍ତି। ସକାଳୁଆ ପାଣି ଭରିଦେବା ପରେ ଅପରାହ୍ନରେ କାହାରିକୁ ଦେଖିବାକୁ ମିଳୁନାହିଁ। ପ୍ରତି ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀ ଏବଂ ଭୁବନେଶ୍ୱର ଯିବା ଲାଗି ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହୁଛନ୍ତି। ଏଠାରେ ଲୋକଙ୍କ ପାଇଁ କୌଣସି ପାନୀୟ ଜଳର ବ୍ୟବସ୍ଥା ନାହିଁ। କେବଳ ଜିଲାପାଳଙ୍କ କାର୍ଯ୍ୟାଳୟ ନୁହଁ, ବସ୍‌ଷ୍ଟାଣ୍ଡ ସମେତ କୌଣସି ସରକାରୀ କାର୍ଯ୍ୟାଳୟରେ ଲୋକଙ୍କ ଲାଗି ପାନୀୟ ଜଳର ବ୍ୟବସ୍ଥା କରାଯାଇନାହିଁ। ଏଠାକୁ ଆସୁଥିବା ଅଭିଯୋଗକାରୀ ପାଣି ପାଇଁ ତହଲବିକଳ ହେଉଛନ୍ତି। ଏ ନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## କଣ୍ଟେନର ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ପୁରୁଣା ଭୁବନେଶ୍ୱର, ୩୦।୪(ଡି.ଏନ୍.ଏ.)**

ଧଉଳି ଥାନା ଅଧୀନ ୩୧୬ ନମ୍ବର ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ଗଙ୍ଗୁଆ ବ୍ରିଜ ନିକଟରେ ଶନିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟିକୁ କଣ୍ଟେନର ଧକ୍କା ଦେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ବଡ଼ଗଡ଼ ଥାନା କେନାଲ ରୋଡ ରାଜାରାଣୀ ବସ୍ତିର ଲକ୍ଷ୍ମୀପ୍ରିୟା ସାହୁ(୬୦)। ଗୁରୁତର ଅବସ୍ଥାରେ ସ୍ୱାମୀ ଗୁଣନିଧିଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗୁଣନିଧି ସ୍କୁଟିରେ ଲକ୍ଷ୍ମୀପ୍ରିୟାଙ୍କୁ ବସାଇ ସାମନ୍ତରାପୁରରୁ ଉତ୍ତରା ଅଭିମୁଖେ ଯାଉଥିଲେ। ପଛରୁ ଆସୁଥିବା ଏକ କଣ୍ଟେନର ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଉଭୟେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁଣନିଧି ଗୁରୁତର ଆହତ ହୋଇଥିଲେ। ପୋଲିସ ପହଞ୍ଚି ଗୁଣନିଧିଙ୍କୁ ଚିକିତ୍ସା ପାଇଁ ପଠାଇଥିଲା।



ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଶନିବାର ଖୋର୍ଦ୍ଧା ଉଦ୍ୟାନ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକ, ଗୋମିତ୍ର, ଲାଇଭଷ୍ଟକ ଇନ୍‌ସ୍ପେକ୍ଟରଙ୍କୁ ସମ୍ମାନିତ କରାଯାଉଛି।

## ଅଘୋଷିତ ବିଦ୍ୟୁତ୍ କାଟ୍, ପାଠପଢ଼ା ବ୍ୟାହତ

**ବୋଲଗଡ଼,୩୦।୪(ଡି.ଏନ୍.ଏ.)**

ପ୍ରଚଣ୍ଡ ଖରା ସାଙ୍ଗକୁ ଗରମ ପବନ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନ୍ୟପଟେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ପାଇଁ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଏହି ବ୍ଲକ ଅଞ୍ଚଳରେ ବିନା ସୂଚନାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ କରାଯାଉଛି। କିଛିଦିନ ହେବ ରାତି ୧୦ଟାରେ ୪୫ ମିନିଟ, ୩ଟାରେ ଏକ ଘଣ୍ଟା ସହ ଅନ୍ୟ ସମୟରେ ଅନିର୍ଦ୍ଦିଷ୍ଟ ଭାବେ ବିଦ୍ୟୁତ୍ କାଟ ହେଉଛି। ଫଳରେ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ଏ ନେଇ ଜଣେ ଛାତ୍ର କୁହନ୍ତି, ପରୀକ୍ଷା ସମୟରେ ଲୋ–ଭୋଲ୍‌ଟେଜ ସାଙ୍ଗକୁ ବିଦ୍ୟୁତ୍ କାଟ ପାଇଁ ପାଠପଢ଼ା ବ୍ୟାହତ ହେଉଛି। ବିଦ୍ୟୁତ୍ କାଟ ନ କରିବା ପାଇଁ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ପକ୍ଷରୁ କୁହାଯାଇଥିଲା। କିନ୍ତୁ ବିନା ସୂଚନାରେ ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ପିଲାମାନେ ହଇରାଣ ହେଉଛନ୍ତି ବୋଲି ଜଣେ ଅଭିଭାବକ କହିଛନ୍ତି। ଏ ନେଇ ରାଜସୁନାଖଳା ବିଦ୍ୟୁତ୍ ସବ୍‌ଷ୍ଟେଶନ ଯନ୍ତ୍ରୀ ଏସ୍.କେ. ଆଚାରୀଙ୍କୁ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

## ରେଳ ଧାରଣାରେ ବ୍ୟବସାୟୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ବାଣୀବିହାର ଷ୍ଟେଶନ ଠାରେ ରେଳ ଧାରଣାରେ ଶୋଇ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ସ୍ଥାନୀୟ ଭୋଇ ନଗର ସାହିର ତିରୁପତି ବେହେରା (୪୨)। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି । ଖବର ପାଇ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏହାପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ ତିରୁପତି ଭୁବନେଶ୍ୱରରେ ଦୀର୍ଘ ୨୦ ବର୍ଷ ରହି ବ୍ୟବସାୟ କରନ୍ତି। ବ୍ୟବସାୟ ମାନ୍ଦାରେ ଚାଲୁଥିବାରୁ ସେ ସବୁବେଳେ ଚିନ୍ତାରେ ରହୁଥିଲେ। ସେ ହଠାତ ଶନିବାର ସକାଳ ୯.୩୦ରେ ବାଣୀବିହାର ଷ୍ଟେଶନକୁ ଆସିଥିଲେ। ସେଠାରେ କେହି ଲୋକ ନ ଥିବାରୁ ସେ ରେଳ ଧାରଣାରେ ଶୋଇପଡ଼ିଥିଲେ। ଏହି ସମୟରେ ଏକ ଟ୍ରେନ ତାଙ୍କ ଉପରେ ଚଢି ଯାଇଥିଲା । ଯାହାଫଳରେ ତାଙ୍କର ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଥିଲା।

## ଯୁବ ଇଞ୍ଜିନିୟରଙ୍କ ଦକ୍ଷତା ଅଭିବୃଦ୍ଧିକୁ ଗୁରୁତ୍ୱ



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**ଯାଁଳା,୩୦।୪(ଡି.ଏନ୍.ଏ.)**

ମଦନପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜିରେ ୨୨ତମ ଇଣ୍ଡିଆନ୍ ସୋସାଇଟି ଫର ଟେକ୍ନିକାଲ ଏଜୁକେଶନ (ଆଇଏସଟିଇ) ଓଡ଼ିଶା ଶାଖା ଛାତ୍ରୀଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଇଏସଟିଇ ସହାୟତାରେ ଆୟୋଜିତ ଏହି ସମ୍ମିଳନୀରେ ସିଇଟିର ପୂର୍ବତନ ପ୍ରଫେସର ଲୋକନାଥ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ କଟକସ୍ଥିତ ବୋସ୍ ଇଞ୍ଜିନିୟରିଂ କଲେଜର ପ୍ରିନ୍ସିପାଲ ପ୍ରଫେସର ଜ୍ଞାନରଞ୍ଜନ ରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ଆଇଏସଟିଇ ଓଡ଼ିଶା ଶାଖାର ଅଧ୍ୟକ୍ଷ ପ୍ରଭାତ କୁମାର ପାଢୀ ଓ ସଚିବ କ୍ଷୀରୋଦ କୁମାର ରାଉତ ଯୋଗଦେଇ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ଭାଗନେବାକୁ ଉତ୍ସାହିତ କରିଥିଲେ। ଗୀତା ଇଞ୍ଜିନିୟରିଂ କଲେଜର ପ୍ରିନ୍ସିପାଲ ମନ୍ମଥ କୁମାର ରାଉଳ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଯୁବ ଇଞ୍ଜିନିୟରଙ୍କ ଦକ୍ଷତା ଅଭିବୃଦ୍ଧି ପାଇଁ ଆବଶ୍ୟକୀୟ ବିଭିନ୍ନ ଦିଗ ପ୍ରତି ବକ୍ତବ୍ୟ ରଖିଥିଲେ। ଏସଭିଜିଆଇର ଅଧ୍ୟକ୍ଷ ଇଂ. ଆଶିଷ କୁମାର ପାତ୍ର, ଉପାଧ୍ୟକ୍ଷ ଇଂ.ଶର୍ମିଷ୍ଠା ଜେନା, ଏସଭିଏସଇଟିର ପ୍ରିନ୍ସିପାଲ ଇଂ.ଚିତ୍ତରଞ୍ଜନ ରାଉତରାୟ, ଇଲେକ୍ଟ୍ରିକାଲ ଏଚଓଡି ଇଂ. କୈଳାସ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। କମ୍ପ୍ୟୁଟର ବିଭାଗ ଏଚଓଡି ତଥା ଆଇଏସଟିଇ ସଦସ୍ୟ ଇଂ. ସୁଶୋଭନ ସରକାର ଧନ୍ୟବାଦ ଦେଇଥିବା ବେଳେ ଆଇଏସଟିଇ କମିଟି ସଦସ୍ୟ ଇଂ. ପ୍ରଭାତ କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂଆ ରୂପ ପାଇବ ଖୋର୍ଦ୍ଧା ଷ୍ଟାଡିୟମ



ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଆଲୋଚନା କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୩୦।୪**

ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଶନିବାର ଖୋର୍ଦ୍ଧାର ପୁରାତନ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଏହି ସମୟରେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ମହାପାତ୍ର ଷ୍ଟାଡିୟମର ଭିତ୍ତିଭୂମି ସମ୍ପର୍କରେ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ଖୋର୍ଦ୍ଧାର ଗୌରବ ବୃଦ୍ଧି ଲାଗି ଯୁବ କ୍ରୀଡ଼ା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଷ୍ଟାଡିୟମର ପୁନରୁଦ୍ଧାର କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ତଥା ଜାତୀୟସ୍ତରରେ ଖୋର୍ଦ୍ଧା ମାଟିର କ୍ରୀଡ଼ାରେ ସ୍ୱତନ୍ତ୍ର ସ୍ଥାନ ରହିଛି। ଉପଯୁକ୍ତ ଷ୍ଟାଡିୟମ ଅଭାବରୁ ଖେଳାଳିମାନେ କ୍ରୀଡ଼ାଭ୍ୟାସରୁ ବଞ୍ଚିତ ହେଉଛନ୍ତି। ଭିତ୍ତିଭୂମି ନ ଥିବାରୁ ବହୁ କ୍ରୀଡ଼ାବିତ୍ ଖେଳରୁ ମୁହଁ ଫେରାଇଲେଣି। ସହରରେ ଏକ ଉନ୍ନତମାନର ଷ୍ଟାଡିୟମ ଅଭାବରୁ କ୍ରୀଡାବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର କ୍ରୀଡାର ବିକାଶ ଲାଗି ଗୁରୁତ୍ୱ ଦେଉଥିବା ବେଳେ ଭୁବନେଶ୍ୱରଠାରୁ ୩୦କିମି ଦୂରରେ ଅବସ୍ଥିତ ଖୋର୍ଦ୍ଧା ସଦର ମହକୁମାରେ ଉନ୍ନତ ଷ୍ଟାଡିୟମ ନ ଥିବାରୁ ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି ବୁଦ୍ଧିଜୀବୀ। ତେବେ ଖୋର୍ଦ୍ଧା ସହରରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ ଲାଗି ସାଧାରଣରେ ଦାବି ହୋଇଛି। ଜିଲାପାଳଙ୍କ ଗସ୍ତ ସମୟରେ ପୂର୍ବତନ ଏସ୍‌ପି ଦେବାଶିଷ ମଜୁମ୍‌ଦାର, ବାର୍ ଉପସଭାପତି ପ୍ରଭାତ ବେହେରା, ରୁଦ୍ରନାଥ ଦତ୍ତ, ଲଳିତ ମୋହନ ମହାପାତ୍ର, ନସିମ ଖାନ୍, ବିଜୟ ସେଠୀଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

## ୧୦ରୁ ଚାଲିବ ଭୁବନେଶ୍ୱର-ପଲାସା ପାସେଞ୍ଜର ଟ୍ରେନ

**ନିରାକାରପୁର,୩୦।୪(ଡି.ଏନ୍.ଏ.)**

କରୋନା ମହାମାରୀ ପାଇଁ ଦୁଇ ବର୍ଷ ହେବ ପଲାସାରୁ ପାରାଦୀପ ପାସେଞ୍ଜର ଟ୍ରେନ ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଥିଲେ। ଏହି ଟ୍ରେନ ତୁରନ୍ତ ଚଳାଚଳ କରିବା ପାଇଁ ଫେଡେରେସନ ଅଫ୍ ଡେଲି ପାସେଞ୍ଜର ଆସୋସିଏଶନ ପକ୍ଷରୁ ରେଳ ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ଠାରୁ ଉଚ୍ଚପଦସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବାରମ୍ବାର ଧାରଣା ଦିଆଯାଇଥିଲା। ଆସନ୍ତା ୧୦ ତାରିଖରୁ ଭୁବନେଶ୍ୱର-ପଲାସା ପାସେଞ୍ଜର ଟ୍ରେନ ଚଳାଚଳ କରାଯିବା ପାଇଁ ରେଳ ବିଭାଗ ପକ୍ଷରୁ ଏକ ଚିଠି ପ୍ରକାଶ ପାଇଛି। ତେବେ ଅନ୍ୟ ପାସେଞ୍ଜର ଟ୍ରେନ ପୂର୍ବ ସମୟ ଅନୁସାରେ ଚଳାଚଳ ପାଇଁ ଦାବି ହୋଇଛି।

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

**ବାଲୁଗାଁ,୩୦।୪(ଡି.ଏନ୍.ଏ.)**

ବାଣପୁର–ବାଲୁଗାଁ ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ବାଲୁଗାଁସ୍ଥିତ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହଯୋଗରେ ସ୍ଥାନୀୟ ଖାରିବନ୍ଧ ଗ୍ରାମ ରାଧାକୃଷ୍ଣ ଦେବ ମନ୍ଦିର ପ୍ରାଙ୍ଗଣରେ ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୧୮୦ ଗାଈଙ୍କୁ ମାଗଣାରେ ଟିକା ଦିଆଯିବା ସହ ଔଷଧ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ବୈଠକରେ ରୋଟାରୀ କ୍ଲବ ସଭାପତି ଗୋପାଳ ଚନ୍ଦ୍ର ନାୟକ, ପୂର୍ବତନ ସଭାପତି ରବିନାରାୟଣ ନାୟକ ଯୋଗଦେଇ ଅଗ୍ରଣୀ ସମାଜ ପାଇଁ ପଶୁଧନ ବିକାଶର ପ୍ରୟୋଜନ ତଥା ପରିପୃଷ୍ଟ ଖାଦ୍ୟ ସମସ୍ୟା ଏବଂ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଣୀ ଚିକିତ୍ସକ ଦେବାଶିଷ ଦାସ, ସମାପିକା ମହାପାତ୍ର ପଶୁପାଳନକାରୀଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ କହିଥିଲେ। ପଶୁପାଳନକାରୀ କୃଷ୍ଣଚନ୍ଦ୍ର ରାଉତରାୟ, ପ୍ରସନ୍ନ ସାମନ୍ତରାୟ ନିଜର ଅଭିଜ୍ଞତା ସମ୍ପର୍କରେ କହିଥିଲେ। ପ୍ରାଣୀ ଚିକିତ୍ସକ ଓ ଉନ୍ନତ ପଶୁପାଳନକାରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୟ ନନ୍ଦ, ଧିରେନ୍ଦ୍ରନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଶିବିରରେ ଅତିଥି ପ୍ରାଣୀ ଚିକିତ୍ସକ ଓ ପଶୁପାଳନକାରୀଙ୍କୁ ପୁରସ୍କୃତ କରୁଛନ୍ତି।

## ତୈଳ ଶିଳ୍ପ ସମବାୟ ସମିତିର ଉନ୍ନତି ପାଇଁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

**ଜଟଣୀ,୩୦।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ରାମଚନ୍ଦ୍ରପୁରସ୍ଥିତ କରତ କଳ ଓ ତୈଳ ଶିଳ୍ପ ସମବାୟ ସମିତି କେନ୍ଦ୍ର ଶୁକ୍ରବାର ପରିଦର୍ଶନ କରିଛନ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର। ଏହି କେନ୍ଦ୍ରକୁ କିପରି ଅଧିକ ସରକାରୀ କାର୍ଯ୍ୟାଦେଶ ମିଳିବ ଓ କେନ୍ଦ୍ରର ଉନ୍ନତି ସହ କର୍ମଚାରୀ ଉପକୃତ ହେବେ ସେନେଇ ଆଲୋଚନା କରିଥିଲେ। ମନ୍ତ୍ରୀ ସରକାରୀ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏହି ଗସ୍ତ ସମୟରେ ମନ୍ତ୍ରୀଙ୍କ ସମେତ ସଦ୍ଦିକ ଆଲାମ, ଉଦୟ ନାରାୟଣ ଦାସ, ଶରଣ କୁମାର ଜେନା, ଗଗନ ନାୟକ ପ୍ରମୁଖ ପରିଦର୍ଶନରେ ଆସିଥିଲେ। ଜଟଣୀ କେନ୍ଦ୍ରର ଏମ୍‌ଡି ତପନ କୁମାର ବସା, କେଶବ ଚନ୍ଦ୍ର ପାଇକରାୟ, ରାଜକିଶୋର ଶତପଥୀ, ପ୍ରଫୁଲ୍ଲ ବିଶ୍ୱାଳ, ଆଣ୍ଟୋନି ହରି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ଓଡ଼ିଶାରେ ୧୪୭ ଶିଳ୍ପକେନ୍ଦ୍ର ମଧ୍ୟରୁ ୩ଟି କାର୍ଯ୍ୟକ୍ଷମ ଥିବା ବେଳେ ଜଟଣୀ ଶିଳ୍ପକେନ୍ଦ୍ର ସେଥିରୁ ଅନ୍ୟତମ।



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କରତ କଳ ଓ ତୈଳ ଶିଳ୍ପ ସମବାୟ ସମିତି କେନ୍ଦ୍ର ବୁଲି ଦେଖୁଛନ୍ତି।

# ଲୁଟେରାଙ୍କ ଟେର୍ ପାଉନି ପୋଲିସ

**ଯାଁଳା,୩୦।୪(ଡି.ଏନ୍.ଏ.)**

- ଦେଢ଼ ମାସରେ ୩ ଲୁଟ୍ ମାମଲା
- ନୀରବଦ୍ରଷ୍ଟା ସାଜିଛି ପୋଲିସ

ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳରେ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେବେଳେ ଘରେ ପଶି ଲୁଟ୍ କରୁଛନ୍ତି ତ ପୁଣି କେତେବେଳେ ରାସ୍ତାଘାଟରେ ଯାତାୟାତ କରୁଥିବା ପଥିକ ଓ ସୁନାଗହଣା ଦୋକାନକୁ ଟାର୍ଗେଟ କରୁଛନ୍ତି। ଗତ ଦେଢ଼ମାସ ମଧ୍ୟରେ ଏହି ଅଞ୍ଚଳରେ ୩ଟି ବଡ଼ଧରଣର ଲୁଟ୍ ହୋଇଥିଲେ ମଧ୍ୟ ଲୁଟେରାଙ୍କ ଟେର୍ ପାଇପାରିନି ପୋଲିସ। ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଗତ ମାର୍ଚ୍ଚ ୧୬ ତାରିଖରେ ଏହି ଥାନା ଅଧୀନ ଯାଁଳା ବଜାରରେ ଥିବା ସାଗରିକା ଜୁଏଲେରି ଦୋକାନୀଙ୍କ ମୁହଁକୁ ଲୁଟେରାମାନେ କେମିକାଲ ସ୍ପ୍ରେ କରି ୨୦ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଥିଲେ। ଏଥିସହ ଲୁଟେରାମାନେ ୩ ରାଉଣ୍ଡ ଗୁଳି ଫୁଟାଇଥିଲେ। ଜୁଏଲେରି ମାଲିକ କବିରାଜ ସୁବୁଦ୍ଧି ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ଦୁର୍ବୃତ୍ତଙ୍କ ବାଇକ୍ ଷ୍ଟାର୍ଟ ନ ହେବାରୁ ଜଣେ କୋରିଅର ଯୁବକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିପାରିନାହିଁ। ସେହିପରି ଗତ ୨୪ତାରିଖ ରାତି ୯ଟା ୩୦ରେ ଯାଁଳା ବଜାରରେ ଥିବା ସ୍ୱାତୀ ଜୁଏଲେରି ମାଲିକ ଭଗବାନ ସୁବୁଦ୍ଧି ଓ ତାଙ୍କ ପୁଅ ଲୋକନାଥ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ପୋଷ୍ଟ ଅଫିସ ଛକ ନିକଟରେ ୫ଜଣ ଦୁର୍ବୃତ୍ତ ଗହଣା ଲୁଟ୍ ଉଦ୍ଦେଶ୍ୟରେ ଲୋକନାଥଙ୍କୁ ଅଟକାଇଥିଲେ। ଏହା ପରେ ଦୁର୍ବୃତ୍ତ ଓ ଲୋକନାଥଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଜଣେ ଦୁର୍ବୃତ୍ତଙ୍କୁ ଲୋକନାଥ ମାଡ଼ି ବସିଥିବା ବେଳେ ସେଠାରୁ ଦୁର୍ବୃତ୍ତମାନେ ଖସିବା ପାଇଁ ୮ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ସେଥିରୁ ୬ ରାଉଣ୍ଡ ଖସିଯାଇଥିବା ବେଳେ ୨ଟି ଗୁଳି ଲୋକନାଥଙ୍କ ଜଙ୍ଘରେ ବାଜିବାରୁ ସେ ଗୁରୁତର ହୋଇଥିଲେ। ଏହାପରେ ଦୁର୍ବୃତ୍ତମାନେ ସେଠାରୁ ଖସି ପଳାଇଥିଲେ। ଏହି ଘଟଣାକୁ ୬ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କାହାରିକୁ ଧରିପାରିନାହିଁ। ସେହିପରି ଗତ ୨୫ ତାରିଖ ରାତିରେ ଗଙ୍ଗପଡ଼ା ଗ୍ରାମର ଗଙ୍ଗେଶ୍ୱର ମନ୍ଦିର ରାସ୍ତାରେ ଥିବା ରତ୍ନରାଜ ସାମନ୍ତରାୟଙ୍କ ଘରୁ ୨୦ ଲକ୍ଷ ଟଙ୍କାର ସୁନାଗହଣା ଓ ୩ଲକ୍ଷ ୭୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଟେର୍ ପାଉନି ପୋଲିସ। ଇନ୍‌ଫୋଭ୍ୟାଲି ଥାନା ଓ ଯାଁଳା ଫାଣ୍ଡି ଅଞ୍ଚଳରେ ଏହି ଲୁଟ୍ ହୋଇଥିଲେ ବି ପୋଲିସକୁ ସଫଳତା ମିଳିପାରିନାହିଁ। ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଯାଁଳା ଫାଣ୍ଡି ଏସ୍‌ଆଇ ପ୍ରସନ୍ନ କୁମାର ନାୟକ କହିଛନ୍ତି, ସମସ୍ତ ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

## ଜନ୍ମମାଟିରେ ଗଣକବିଙ୍କ ସ୍ମୃତିସଭା

ମାହାଙ୍ଗା,(ସ୍ୱ.ପ୍ର): ଗଣକବି ବୈଷ୍ଣବ ପାଣିଙ୍କ ୬୭ତମ ସ୍ମୃତିସଭା କବିଙ୍କ ଜନ୍ମମାଟି କୋଠପଦାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଅଖିଳେଶପଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, କବି ପ୍ରଶାନ୍ତ କର, ସରପଞ୍ଚ ନଳିନୀପ୍ରଭା ପ୍ରଧାନ, ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ, ନାହାର ପଣ୍ଡା, ଭରତ ଦାସ, ପର୍ଶୁରାମ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଣିଙ୍କ କବିତା ଚିର ଅମଳିନ ବୋଲି ମତବ୍ୟକ୍ତ କରିଥିଲେ। ଅଭିମନ୍ୟୁ ସାମଲ, ପଞ୍ଚାନନ ସ୍ୱାଇଁ, ରବୀନ୍ଦ୍ର ପୃଷ୍ଟି, ଶିବପ୍ରସାଦ ବେହେରା, ସୁଶାନ୍ତ ଦାସ, ଅଶୋକ ସାମଲ, କିଶୋର ଦାସ, ଲକ୍ଷ୍ମୀଧର ସାମଲ ପ୍ରମୁଖ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ।



## ଆଜି କ'ଣ କେଉଁଠି

କଟକ

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ, ଶହୀଦ ଭବନ, ପୂର୍ବାହ୍ନ ୧୦ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ବିକ୍ରମ କେଶରୀ ବର୍ମାଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା ୩୦।
- ଦୈନିକ ଖବରକାଗଜ ମହାନଦୀ ସୁପରଫାଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ, ସର୍କିଟ୍ ହାଉସ ସମ୍ମିଳନୀ କକ୍ଷ, ମଧ୍ୟାହ୍ନ ୧୨ଟା।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରାବାସ କର୍ମଚାରୀ ସଂଘର ସପ୍ତମ ବାର୍ଷିକୋତ୍ସବ, ଆନେକ୍ସ-୧, ବିଶ୍ୱବିଦ୍ୟାଳୟ ପରିସର, ଅପରାହ୍ନ ୪ଟା ୩୦।
- କଟକ ଡିଭିଜନ ଇନ୍ସ୍ୟୁରାନ୍ସ ଏମ୍ପ୍ଲଇଜ ଆସୋସିଏଶନର ସାଧାରଣ ପରିଷଦ ବୈଠକ, ଏଲ୍ଆଇସି ଡିଭିଜନ ଅଫିସ, ମାଛୁଆବଜାର, ଅପରାହ୍ନ ୫ଟା ୩୦।

# ଆନନ୍ଦାଳୟରେ ଥଇଥାନ ହେଲେ ୪୫ ଭିନ୍ନକ୍ଷମ, ଭିକାରି

**କଟକ ଅଫିସ,୩୦।୪**

■ଦୈନିକ ଦିଆଯିବ ୪ଥର ଖାଦ୍ୟ

■ଜଣଙ୍କ ପିଛା ମାସିକ ୩୪୦୩ ଟଙ୍କା ଖର୍ଚ୍ଚ

ସହରର ବିଭିନ୍ନ ମନ୍ଦିର, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ, ଶପିଂ କମ୍ପ୍ଲେକ୍ସ, ସର୍ବସାଧାରଣ ସ୍ଥାନରେ ଭିକ୍ଷାବୃତ୍ତି କରୁଥିବା ଭିନ୍ନକ୍ଷମ ଓ ଭିକାରୀମାନଙ୍କ ପାଇଁ ଶନିବାର ସିଏମ୍‌ସି ପକ୍ଷରୁ ଦୁଇଟି ଆନନ୍ଦାଳୟ ଭବନ ଉଦ୍‌ଘାଟିତ ହୋଇଛି। ସିଏମ୍‌ସି ୫୬ ନଂ. ୱାର୍ଡ ଅଧୀନ କାଜିପାଟଣାରେ ନିର୍ମାଣ ହୋଇଥିବା ଆନନ୍ଦାଳୟକୁ ମେୟର ସୁବାସ ସିଂ ଉଦ୍‌ଘାଟନ କରିଥିଲେ। ଏଥିରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ ଉପସ୍ଥିତଥିଲେ। ଏଠାରେ ୧୦୦ ଜଣଙ୍କ ରହିବା ପାଇଁ ବ୍ୟବସ୍ଥା ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୦ ଜଣ ଭିକାରୀଙ୍କୁ ଥଇଥାନ କରାଯାଇଛି। ସେହିପରି ୪୨ ମୌଜାଠାରେ ନିର୍ମାଣ ହୋଇଥିବା ଆନନ୍ଦାଳୟକୁ ମେୟର ସିଂ ଉଦ୍‌ଘାଟନ କରିଥିଲେ। ଏଠାରେ ୨୫ ଜଣ ଭିନ୍ନକ୍ଷମଙ୍କୁ ଥଇଥାନ କରାଯାଇଛି।

ଭିନ୍ନକ୍ଷମ, ବିଭିନ୍ନ ରୋଗରେ ପୀଡିତ ହେବା ପରେ ପରିବାରଠାରୁ ଦୁରେଇ ଯାଇ ଅନେକେ ବଞ୍ଚିବା ପାଇଁ ଭିକ୍ଷାବୃତ୍ତିକୁ ଆପଣାଇଥାନ୍ତି। ସେମାନେ ମନ୍ଦିର, ବସ୍‌ଷ୍ଟାଣ୍ଡ, ରେଲଷ୍ଟେଶନ, ଶପିଂମଲ୍ ଭଳି ସର୍ବସାଧାରଣ ସ୍ଥାନରେ ବସି ଭିକ୍ଷାବୃତ୍ତି କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର କଟକ ସହରକୁ ଭିକାରୀମୁକ୍ତ କରିବା ପାଇଁ ଯୋଜନା କରିଥିଲେ। ବିଶେଷକରି ଭିକାରୀମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଉନ୍ନତ ଜୀବନଯାପନ ପାଇଁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ଏଥିପାଇଁ ଉକ୍ତ ଆନନ୍ଦାଳୟରେ ଭିକାରୀଙ୍କୁ ଥଇଥାନ ସହିତ ସେମାନଙ୍କ ଦକ୍ଷତାକୁ ଭିତ୍ତି କରି ବୈଷୟିକ ତାଲିମ ଦିଆଯିବ। ଏଥିପାଇଁ ସରକାର ପ୍ରତ୍ୟେକ ଭିକ୍ଷୁକଙ୍କ ପାଇଁ ମାସିକ ୩ହଜାର ୪ଶହ ୩ଟଙ୍କା ଖର୍ଚ୍ଚ ଧାର୍ଯ୍ୟ କରିଛନ୍ତି। କେନ୍ଦ୍ରଗୁଡିକ ୧୦୦ ଶଯ୍ୟା ବିଶିଷ୍ଟ ହୋଇଥିବାବେଳେ ଏଠାରେ ଦୈନିକ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ଅପରାହ୍ନରେ ଚା'ଓ ବିସ୍କୁଟ ଏବଂ ରାତ୍ର ଭୋଜନ ଦିଆଯିବ। ଏଠାରେ ଭିକାରୀଙ୍କ ଲାଗି ଟେଲିଫୋନ ସେବା, ଜଳଯୋଗାଣ, ମନୋରଞ୍ଜନ ଲାଗି ଟେଲିଭିଜନ, ମଶାରି, କମ୍ବଳ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି କେନ୍ଦ୍ରଗୁଡିକ ରକ୍ଷଣାବେକ୍ଷଣ ଦାୟିତ୍ୱ ୨ଟି ବେସରକାରୀ ସଂସ୍ଥାକୁ ଦିଆଯାଇଛି।

ମୋଟ୍ ୩ଟି ଆନନ୍ଦାଳୟ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଦୁଇଟି ଉଦ୍‌ଘାଟିତ ହୋଇଛି। ଭିକ୍ଷାବୃତ୍ତି କରୁଥିବା ମହିଳାମାନଙ୍କ ପାଇଁ ଆଗାମୀ ଦିନରେ ସ୍ୱତନ୍ତ୍ର ଆଶ୍ରୟସ୍ଥଳ ନିର୍ମାଣ କରାଯିବ। ଭିକାରୀଙ୍କ ଜୀବନଶୈଳୀରେ ପରିବର୍ତ୍ତନ ତଥା ସାମାଜିକ କ୍ଷେତ୍ରରେ ସାମିଲ କରିବା ଲାଗି ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। କାମ କରିବା ପାଇଁ ସକ୍ଷମ ଥିବା ଲୋକଙ୍କୁ ନେଇ ଧୂପକାଠି, ଫିନାଇଲ, ବଳିତା ଆଦି ପ୍ରସ୍ତୁତ କରାଯିବା ଯୋଜନା ରହିଛି ବୋଲି ସିଏମ୍‌ସି ବସ୍ତି ଉନ୍ନୟନ ଅଧିକାରୀ ଶତ୍‌ପଥୀ କହିଛନ୍ତି।



କଟକ ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଇଫ୍‌ତାର ପାର୍ଟି।

# ପ୍ରଗତିଶୀଳ ବାଙ୍କୀ ଗଢ଼ିବାକୁ ଆହ୍ୱାନ

**ବାଙ୍କୀ,୩୦।୪(ସ୍ୱ.ପ୍ର.)**

**ଏନ୍‌ଏସିର ପ୍ରଥମ ସାଧାରଣ ପରିଷଦ ବୈଠକ**

ବାଙ୍କୀ ଏନ୍‌ଏସିର ପ୍ରଥମ ସାଧାରଣ ପରିଷଦ ବୈଠକ ଶନିବାର ଏନ୍‌ଏସି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ମାଣିକ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରାଙ୍କ ସମେତ ସମସ୍ତ କାଉନସିଲର ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାଙ୍କୀ ଏନ୍‌ଏସିକୁ ସ୍ୱଚ୍ଛ, ନିର୍ମଳ ଓ ପ୍ରଗତିଶୀଳ ଏନ୍‌ଏସିରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଏମ୍‌ପି ଓ ବିଧାୟକଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ନଗରପାଳ ସାହୁ କହିଥିଲେ। ସମସ୍ତ ପ୍ରତିନିଧି ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବାଙ୍କୀ ଏନ.ଏ.ସିକୁ ସର୍ବାଙ୍ଗ ସୁନ୍ଦର କରିବାକୁ ସେ ଆହ୍ୱାନ ଦେଇଥିଲେ। ଅସମ୍ପୂର୍ଣ୍ଣ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟକୁ ଶେଷ କରିବା, ବସ୍‌ଷ୍ଟାଣ୍ଡ ନିର୍ମାଣ, ଆଧୁନିକ ଶ୍ମଶାନ, ଆଧୁନିକ ପାର୍କ, ମୁକ୍ତ ବ୍ୟାୟାମଶାଳା, ଅଧିକ ଶୌଚାଳୟ ନିର୍ମାଣ, ରାସ୍ତାଘାଟର ଉନ୍ନତି ସହ ବର୍ଜ୍ୟଜଳ ନିଷ୍କାସନକୁ ସୁବ୍ୟବସ୍ଥିତ କରିବା, ଡ୍ରେନ ନିର୍ମାଣ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତି, ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଶେଷ କରିବା, ମା'ଚର୍ଚ୍ଚିକା କ୍ଷେତ୍ରର ଉନ୍ନତି ଓ ରେଣୁକା ହ୍ରଦରେ ଏକ ଆଦର୍ଶ ଉନ୍ନତ ଜଳକ୍ରୀଡା ପ୍ରକଳ୍ପ କରାଇବା ଉପରେ ଜୋର ଦିଆଯାଇଥିଲା। ଏଥିସହ ୨୦୨୨ ମାର୍ଚ୍ଚରେ ଆୟବ୍ୟୟ ଉପସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେଶ୍ୱର ନାୟକ ଓ ଏନ୍‌ଏସିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଉପନଗରପାଳ ରଣା ଧନ୍ୟବାଦ ଦେଇଥିଲେ।

# ଅନନ୍ତ ଆଶ୍ରମ ହେଲା ମିଶନ ଶକ୍ତି ଗୃହ

**କଟକ ସଦର,୩୦।୪(ଡି.ଏନ୍.ଏ.)**

କିଶନନଗର ତହସିଲ ଅନ୍ତର୍ଗତ କମରପଦା ମୌଜାର ଅନାବାଦୀ ଜମିରେ ନିର୍ମିତ ଅନନ୍ତ ଆଶ୍ରମକୁ ବ୍ଲକ ପକ୍ଷରୁ ମରାମତି କରାଯାଇ ମିଶନ ଶକ୍ତି ଗୃହରେ ପରିଣତ କରାଯାଇଛି। ୨୦୧୫ରେ ଏହାକୁ ସିଲ୍ କରାଯାଇଥିଲା। ଏହା ପୂର୍ବରୁ ଆଶ୍ରମର ମହନ୍ତ ବାଉରିବନ୍ଧୁ ବାରିକଙ୍କ ନାମରେ ନଂ. ୩୪୩/୨୦୧୫-୨୦୧୬ରେ ଏକ ଅବରୋଧ ମାମଲା କରାଯାଇ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା କରାଯାଇଥିଲା। ଏହାଛଡା ଆଶ୍ରମକୁ ଭାଙ୍ଗି ଦେବା ପାଇଁ ମଧ୍ୟ ସର୍ତ୍ତ ରଖାଯାଇଥିଲା। କାରଣ ଆଶ୍ରମ ଓ ତତ୍‌ସଂଲଗ୍ନ ପୋଖରୀ, ବଗିଚା କମରପଦା ମୌଜା ଖାତା ନଂ. ୪୯୪, ୪୯୬ ଓ ୪୯୮, ପ୍ଲଟ୍ ନଂ. ୭୩, ୭୪, ୭୫, ୮୦ ଓ ୮୧ର ମୋଟ୍ ୬୭ ଡିସିମିଲ ଜମିରେ ଥିଲା। କେନ୍ଦ୍ରାପଡା ଜିଲା ସାରଥି ବାବାଙ୍କ ବାରିମୂଳ ଆଶ୍ରମ ଘଟଣାକୁ ନେଇ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ସିଲ୍ କରାଯାଇଥିଲା। ଏହି ଆଶ୍ରମ ତହସିଲଦାରଙ୍କ ଅଧୀନରେ ଥିବାବେଳେ କିଏ ବିଡିଓଙ୍କୁ ହସ୍ତାନ୍ତର କଲା ସେ କଥା ଜାଣନ୍ତି ନାହିଁ ବୋଲି ତହସିଲଦାର ଇନ୍ଦିରା ସାହୁ କହିଛନ୍ତି। ଅନ୍ୟପକ୍ଷରେ ଏହି ମିଶନ ଶକ୍ତି ଗୃହର ଜମି ସଂକ୍ରାନ୍ତରେ ଜାଣିବା ପାଇଁ ବିଦାୟୀ ବ୍ଲକ ଅଧ୍ୟକ୍ଷା ଶ୍ରୀମନ୍ତିନୀ ବେହେରା ପତ୍ରସଂଖ୍ୟା ୫/୩।୧।୨୨ରେ ବିଡିଓଙ୍କୁ ଜଣାଇଥିଲେ। ଆଶ୍ରମ ଗୃହର କାଗଜପତ୍ର ସଂକ୍ରାନ୍ତରେ ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ପଚାରିବାରୁ ପ୍ରତିକ୍ରିୟା ଦେବା ପାଇଁ ମନା କରିଥିଲେ।

# ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଡିଆଇପିଆରଓଙ୍କୁ ସମ୍ବର୍ଦ୍ଧନା



**କଟକ ଅଫିସ, ୩୦।୪**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଲଲାଟେନ୍ଦୁ ମହାପାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ମହାପାତ୍ରଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ସଂଘ ସଭାପତି ବିଜୟ କୁମାର ପଡିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଦ୍ୟୁମ୍ନ ବିଶୋଇ, ପ୍ରଶାନ୍ତ ସାହୁ ଓ ଶ୍ରୀନିବାସ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜନସେବା କେନ୍ଦ୍ରରେ ଇ-ଟିକେଟ ଜାଲିଆତି

**ଆରପିଏଫ୍‌ର ଚଢ଼ାଉ,ଜଣେ ଗିରଫ**

ମାହାଙ୍ଗା ୩୦।୪(ସ୍ୱ.ପ୍ର.): ମାହାଙ୍ଗା ଥାନା କୁଆଁପାଳ ବଜାର ନିକଟ ଜନସେବା କେନ୍ଦ୍ରରେ ଶନିବାର ଆରପିଏଫ୍ ପକ୍ଷରୁ ଚଢ଼ାଉ ହୋଇଛି। ଏଠାରେ ଇ-ଟିକେଟ ପ୍ରଦାନରେ ଜାଲିଆତି ହୋଇଥିବା ଅଭିଯୋଗରେ ଗୁଣପୁର ଅଞ୍ଚଳର ଦୀପକ ସାହୁଙ୍କୁ ଗିରଫ କରାଯାଇଛି। ଏଥିସହ ଉକ୍ତ କେନ୍ଦ୍ରରୁ ବହୁ ନକଲି କାଗଜପତ୍ର, ବିପୁଳ ପରିମାଣର ନକଲି ଇ-ଟିକେଟ, କମ୍ପ୍ୟୁଟର ହାର୍ଡ ଡିସ୍କ ଓ ମୋବାଇଲ ଫୋନ ଜବତ କରାଯାଇଛି। ଏହି କେନ୍ଦ୍ରକୁ ରେଳ ବିଭାଗ ଗୋଟିଏ ଆଇଡି ଦେଇଥିବାବେଳେ ଅଧିକ ମୁନାଫା ପାଇଁ ସେଠାରେ ୮ଟି ନକଲି ଆଇଡି ବ୍ୟବହାର କରାଯାଉଥିଲା। ଏହି ନକଲି ଆଇଡିରେ ଯାତ୍ରୀମାନଙ୍କୁ ଟିକେଟ ଯୋଗାଇ ଦେଇ ଅଧିକ ଅର୍ଥ ରୋଜଗାର କରାଯାଉଥିଲା। ଏ ସମ୍ପର୍କରେ ସୂଚନା ପାଇ କଟକ ଆରପିଏଫ୍‌ର ସବ୍‌ଇନ୍ସପେକ୍ଟର ଅରୁଣ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଏନେଇ ଅଧିକ ତଦନ୍ତ ଜାରି ରହିଛି।

# 'ଶାନ୍ତି ରକ୍ଷା କରିବା ଜାତିସଂଘର ମୂଳ ଲକ୍ଷ୍ୟ'

**କଟକ ଅଫିସ, ୩୦।୪:** ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ 'ନୂଆ ବିଶ୍ୱ ବ୍ୟବସ୍ଥା ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କା' ଶୀର୍ଷକ ପାଠଚକ୍ର ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଜାତିସଂଘ ସୃଷ୍ଟି ହେଲା। ଶାନ୍ତି ରକ୍ଷା କରିବା ଥିଲା ଜାତିସଂଘର ମୂଳ ଲକ୍ଷ୍ୟ। କିନ୍ତୁ ନୂଆ ବିଶ୍ୱ ବ୍ୟବସ୍ଥାରେ ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏକରକମ ପରାହତ। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ତୃତୀୟ ବିଶ୍ୱଯୁଦ୍ଧ ଅବସମ୍ଭାବୀ। ଏଣୁ ଭାରତ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ଭାବେ ଏହାକୁ ରୋକିବା ନିମନ୍ତେ ନେତୃତ୍ୱ ନେବା ଉଚିତ୍ ବୋଲି ସେ କହିଥିଲେ। ଆଇନଜୀବୀ ସୁରେନ୍ଦ୍ର ନାଥ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶୈଳବାଳା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ଚିନ୍ମୟୀ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାପକ ଡ. ଖାରବେଳ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତୋଷ ପତି କାର୍ଯ୍ୟକ୍ରମ ପରିଚାଳନା, ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ଅବକାରୀ ଚଢ଼ାଉ: ୩ ଗିରଫ

**ବାଙ୍କୀ,୩୦।୪(ସ୍ୱ.ପ୍ର)**

ବାଙ୍କୀ ଅବକାରୀ ବିଭାଗ ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୭୦ ଲିଟର ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟକୁ ଚାଲାଣ କରାଯାଇଛି। ସେମାନେ ହେଲେ ପାଥପୁର ଗ୍ରାମର ବାବୁଲା ଗୋଛାୟତ, ମାଳିବହାରପୁର ଗ୍ରାମର ନବୀନ ନାୟକ ଏବଂ କଇଁମୁଣ୍ଡି ଗ୍ରାମର ବିଶ୍ୱନାଥ ସେଠୀ। ବାବୁଲାଙ୍କଠାରୁ ୨୦ଲିଟର, ନବୀନଙ୍କଠାରୁ ୧୦ ଲିଟର, ବିଶ୍ୱନାଥଙ୍କଠାରୁ ୧୪୦ ଲିଟର ଦେଶୀମଦ ଜବତ ହୋଇଛି। ତେଲେଶ୍ୱର ଲାକ୍ରାଙ୍କ ନେତୃତ୍ୱରେ ଏହି ଚଢ଼ାଉରେ ଦୀପକ ସାମଲ, ସଞ୍ଜୟ ରାଉତ, ପୁନେଶ୍ୱର ମାଝି, ଶଙ୍କର ସିଂହ, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ହାଇକୋର୍ଟ ବୁଲିଲେ ୨୫ ବଧିର ଛାତ୍ରୀଛାତ୍ର

**କଟକ ଅଫିସ, ୩୦।୪**



ଓଡ଼ିଶା ଜୁଡିସିଆଲ ଏକାଡେମୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରପତି ଆଦିତ୍ୟ ମହାପାତ୍ରଙ୍କ ସହ ଅନ୍ୟମାନେ।

**ଓଡ଼ିଶା ଜୁଡିସିଆଲ ଏକାଡେମୀରେ ବିଚାରପତିଙ୍କ ସହ କଥା ହେଲେ**

କଟକ ସଦର ବ୍ଲକ ଅଧୀନ ବେଣ୍ଟକାରସ୍ଥିତ ଶ୍ରୀ ଶ୍ରୀ ବେଲେଶ୍ୱର ବଧିର ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀର ୨୫ ଜଣ ବଧିର ଛାତ୍ରୀଛାତ୍ର ଶନିବାର ଓଡ଼ିଶା ହାଇକୋର୍ଟ ପରିଦର୍ଶନ କରିଥିଲେ। ଏହି ସମୟରେ ବିଦ୍ୟାଳୟର ଶିକ୍ଷକ ଆଦିତ୍ୟ ଅଭିଜିତ ନାୟକ ହାଇକୋର୍ଟ ଅଧିକାରୀଙ୍କ ସହ କଥୋପକଥନକୁ ଛାତ୍ରୀଛାତ୍ରଙ୍କୁ ସାଙ୍କେତିକ ଭାଷାରେ କହିଥିଲେ। ଏହାପରେ ହେରିଟେଜ୍ ବିଲ୍ଡିଂରେ ଥିବା ମୁଖ୍ୟ ବିଚାରପତିଙ୍କ କୋର୍ଟ, ଚାମ୍ବର ଏବଂ କୋର୍ଟରେ ନୂତନ କୋଠା, ପୂର୍ବତନ ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କ ଫଟୋ ଗ୍ୟାଲେରି ଦେଖି ଛାତ୍ରୀଛାତ୍ରମାନେ ଉତ୍ସାହିତ ହୋଇଥିଲେ। ଏତଦ୍‌ବ୍ୟତୀତ ବିଚାରପତିମାନଙ୍କ ଲାଇବ୍ରେରି ଏବଂ ସମ୍ମିଳନୀ କକ୍ଷ ପରିଦର୍ଶନ ସମୟରେ ସେଠାରେ ବିଚାରପତିଙ୍କ ଶପଥ ଗ୍ରହଣ ଉତ୍ସବ ଓ ନ୍ୟାୟିକ ପ୍ରକ୍ରିୟା ଭିଡିଓ କ୍ଲିପ ଜରିଆରେ ଦେଖିଥିଲେ। ଆଇନଜୀବୀ ଶୈଳଜା ନନ୍ଦନ ଦାସ ଓ କାଜଲ୍ ସାହୁ ପିଲାମାନଙ୍କ ପ୍ରଶ୍ନର ଉତ୍ତର ଦେବା ସହ ନ୍ୟାୟିକ କାର୍ଯ୍ୟକ୍ରମ, ଓକିଲ ଏବଂ ବିଚାରପତିଙ୍କ ଜୀବନଶୈଳୀ ବିଷୟରେ କହିଥିଲେ। ପରେ ଛାତ୍ରୀଛାତ୍ରମାନେ ଆଇନସେବା ଭବନ ଯାଇଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ବିଚାରପତି ସାବିତ୍ରୀ ରଥ ଏବଂ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ସହ କଥୋପକଥନ କରିଥିଲେ। ବିଚାରପତି ଦ୍ୱୟ ରାଷ୍ଟ୍ର ନିର୍ମାଣରେ ଆଇନର ଯୋଗଦାନ ବିଷୟରେ କହିଥିଲେ। ଏହି ସମୟରେ ବିଦ୍ୟାଳୟ ଅଧ୍ୟକ୍ଷ ସରୋଜ ଚୌଧୁରୀ, ଟାଙ୍ଗୀ-ଚୌଦ୍ୱାର ବ୍ଲକର ସାଧନ କର୍ମୀ ସ୍ୱର୍ଣ୍ଣପ୍ରଭା ଦେଇ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ବଖରା ଜଳିଗଲା

**ଚୌଦ୍ୱାର,୩୦।୪(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶିମିଳିହାଣ୍ଡ ମଠସାହିରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଜଗନ ନାୟକ, ବାପି ନାୟକ ଓ କ୍ଷୀରୋଦ ନାୟକଙ୍କ ୩ ବଖରା ଜଳିଯାଇଛି। ଏଥିରେ ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଅପରାହ୍ନ ପ୍ରାୟ ୨ଟାରେ ଜଗନଙ୍କ ଘରେ ରୋଷେଇ ଚାଲିଥିବାବେଳେ ହଠାତ୍ ନିଆଁ ଉଠି ଚାଳ ଜଳିବାକୁ ଲାଗିଲା। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନ ପହଞ୍ଚି ଅଗ୍ନିବିପନ୍ନଙ୍କୁ ୨ହଜାର ଟଙ୍କା ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ।

# ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଧାରଣା

**ଖୁଣ୍ଟୁଣୀ,୩୦।୪(ଡି.ଏନ୍.ଏ.)**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ କାଟ ନ କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ହେଲେ ଏହାକୁ ନ ମାନି ସ୍ଥାନୀୟ ବିଦ୍ୟୁତ୍ ବିତରଣକାରୀ କମ୍ପାନୀ ପକ୍ଷରୁ ବିଦ୍ୟୁତ୍ କାଟ୍ କରାଯାଉଛି। ଏହାଦ୍ୱାରା ପରୀକ୍ଷାର୍ଥୀ, ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ ଓ ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଶନିବାର ପୂର୍ବାହ୍ନ ୧୦ଟାରେ ଆଠଗଡ଼ ସବ୍‌ଡିଭିଜନ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଟାଟାପାଓ୍ୱାର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହାକୁ ସମର୍ଥନ କରି ଆଠଗଡ଼ ସୁରକ୍ଷା ମଞ୍ଚ, ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଗଡ଼ଜାତ ପରିକ୍ରମା ଓ ମୁନ୍‌ଷ୍ଟାର୍ କ୍ଲବର କର୍ମକର୍ତ୍ତାମାନେ ଧାରଣାରେ ସାମିଲ ହୋଇଥିଲେ। ଟାଟାପାଓ୍ୱାର କମ୍ପାନୀ ନିର୍ବାହୀଯନ୍ତ୍ରୀ ସନ୍ତୋଷ କୁମାର ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ କନିଷ୍ଠ ଯନ୍ତ୍ରୀ ପୀତବାସ ସାହୁ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୫ ଦିନ ମଧ୍ୟରେ ବିଦ୍ୟୁତ୍ କାଟ୍ ବନ୍ଦ ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ଆଠଗଡ଼ ସବ୍‌ଡିଜିନାଲ ସାମ୍ବାଦିକ ସଂଘ ସଭାପତି ସଚ୍ଚିଦାନନ୍ଦ ପଣ୍ଡା, ଉପସଭାପତି ସର୍ବେଶ୍ୱର ପଣ୍ଡା, ସମ୍ପାଦକ ସନ୍ତୋଷ ବାରିକ, ବିଜୟ ନାୟକ, ଆଡ୍‌ଭୋକେଟ୍ ଜଗଦାନନ୍ଦ ତ୍ରିପାଠୀ, ସୁଶାନ୍ତ ସାହୁ, ପ୍ରକାଶ ସେଠୀ, ଗଡ଼ଜାତ ପରିକ୍ରମା ସମ୍ପାଦକ ଲଲାଟେନ୍ଦୁ ସେନାପତି, ଅଶୋକ ଦାସ, ରଜନୀ ଜେନା, ମୁନ୍‌ଷ୍ଟାର କ୍ଲବ ସଭାପତି ଜ୍ଞାନରଞ୍ଜନ ପଟ୍ଟନାୟକ, ସାମ୍ବାଦିକ ବିଜୟ ନାୟକ ଓ ତିଗିରିଆ ଓକିଲ ସଂଘ ସଭାପତି ଶଙ୍କର୍ଷଣ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ସାମାଜିକ କର୍ମୀ ସଖୀ ବିଶ୍ୱାଳଙ୍କ ପରଲୋକ

**କଟକ ଅଫିସ, ୩୦।୪:** ସାମାଜିକ କର୍ମୀ ସଖୀ ବିଶ୍ୱାଳ(୯୦)ଙ୍କର ଶୁକ୍ରବାର ସନ୍ଧ୍ୟାରେ



ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ରହି ଚିକିତ୍ସିତ ହେଉଥିଲେ। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୩ ପୁତ୍ର ଓ ୩ କନ୍ୟା ଉପସ୍ଥିତ ଥିଲେ। ତାଙ୍କର ଦ୍ୱିତୀୟ ପୁତ୍ର ରବୀନ୍ଦ୍ର ବିଶ୍ୱାଳ ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ଅନେକ ସମାଜସେବା ସଂସ୍ଥା ସହିତ ଜଡିତ ଅଛନ୍ତି। କଟକ ଜିଲା ଖେଣ୍ଟାଲୋ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରୋଗୀଙ୍କୁ ବେଡ୍ ମିଳୁନି

**କଟକ ଅଫିସ, ୩୦।୪**

**ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର**

■ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ଦୁରାବସ୍ଥା ତୁରନ୍ତ ସମାଧାନ ପାଇଁ ଭାଜପା କଟକ ନଗରର ଏକ ପ୍ରତିନିଧି ଦଳ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ଷଡଙ୍ଗୀଙ୍କୁ ଶନିବାର ସ୍ମାରକପତ୍ର ଦେଇଛନ୍ତି। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି, ରାଜ୍ୟର ବିଭିନ୍ନ ସ୍ଥାନରୁ କ୍ୟାନ୍‌ସର ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ହେଲେ ସେମାନଙ୍କୁ ବେଡ୍ ମିଳୁନାହିଁ। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଖରାରେ ପଡ଼ି ରହୁଛନ୍ତି। ଏପରି କି ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନାହିଁ। ଏଣୁ ବାହାରୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ତୁରନ୍ତ ଅସ୍ଥାୟୀ ଶିବିର କରାଯିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀତମ ଦାସ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, କର୍ପୋରେଟର ଦୀପକ ଦାସ, ସାଧାରଣ ସମ୍ପାଦକ ବୈଦେଶ୍ୱର ପଣ୍ଡା, ଜିଲା ଉପସଭାପତି ଭାଗୀରଥି ଦଳେଇ, ବାରବାଟୀ ମଣ୍ଡଳ ସଭାପତି ନମିତା ମିଶ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ସମ୍ପାଦିକା ସ୍ୱର୍ଣ୍ଣଲତା ସେଠୀ, ଜିଲା ଯୁବମୋର୍ଚ୍ଚା ସମ୍ପାଦିକା ଶିଳ୍ପା ସୌମିତ୍ରୀ ଗିରି ଗୋସ୍ୱାମୀ ପ୍ରମୁଖ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।

# 'କ୍ଷୁଦ୍ରଗଳ୍ପ ଗବେଷଣାରେ କପିଳେଶ୍ୱର ଥିଲେ ଅସାଧାରଣ ସାଧକ'

**କଟକ ଅଫିସ, ୩୦।୪**





କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ଡ. କପିଳେଶ୍ୱର ଗାହାଣଙ୍କ ତୈଳଚିତ୍ର ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ଡ. କପିଳେଶ୍ୱର ଗାହାଣଙ୍କ ତୈଳଚିତ୍ର କଟକ ଶତାବ୍ଦୀ ଭବନରେ ଶନିବାର ଉନ୍ମୋଚିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଦାଶରଥି ଦାସ ଯୋଗଦେଇ ତୈଳଚିତ୍ରକୁ ଉନ୍ମୋଚନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ଯୋଗଦେଇ କହିଥିଲେ, ଓଡ଼ିଆ କ୍ଷୁଦ୍ରଗଳ୍ପ ଗବେଷଣା କ୍ଷେତ୍ରରେ ଡ. କପିଳେଶ୍ୱର ଥିଲେ ଅନନ୍ୟ ଓ ଅସାଧାରଣ ସାଧକ। ସେହିପରି ମୁଖ୍ୟବକ୍ତା ଭାବେ ଡ. ସୁନାମଣି ରାଉତ କହିଥିଲେ, କେବଳ ଉଚ୍ଚକୋଟିର ସାହିତ୍ୟ ସମାଲୋଚକ ନୁହେଁ, ମୌଳିକ ଗଳ୍ପ ରଚନା କ୍ଷେତ୍ରରେ ମଧ୍ୟ ଡ. ଗାହାଣ ଧୁରୀଣ ଥିଲେ। ଏହି ଅବସରରେ ଡ. ସୁନାମଣି ରାଉତ ଓ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସମ୍ପାଦିତ 'ସାହିତ୍ୟର ସମ୍ଭ୍ରାନ୍ତ ସ୍ୱର କପିଳେଶ୍ୱର' ଉନ୍ମୋଚିତ ହୋଇଥିଲା। ଏଥିରେ ଡ. ଗାହାଣଙ୍କ କନ୍ୟା ମାନସୀ ପ୍ରିୟଦର୍ଶିନୀ, ସ୍ୱାଗତିକା ଶୁଭଦର୍ଶିନୀ ଓ ସ୍ମରଣିକା ସମଦର୍ଶିନୀ, ଶିଶିର କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ଅଧ୍ୟାପକ କମଳ ମାହୁନ୍ତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ କୋଷାଧ୍ୟକ୍ଷ ଶିବାଶିଷ କର ଧନ୍ୟବାଦ ଦେଇଥିଲେ।